ଧରିତ୍ରୀ
DHARITRI
July 24-30, 2022 ₹ 2/-

# ଛୁଟିଦିନ



# ବର୍ଷା, ଇଲିଶି ଓ ବାଲିଛତୁ...

ପ୍ରଚ୍ଛଦ ପ୍ରସଙ୍ଗ

୩

ବର୍ଷା କଥା ଆସିଲେ ଯେମିତି ମନରେ ଆସେ କାଗଜଡଙ୍ଗା କଥା, ସେମିତି ମନରେ ଆସେ ଇଲିସି ଆଉ ବାଲିଛତୁର କଥା...



# କିପରି ହେବା ଦରକାର ପ୍ରବେଶ ଦ୍ୱାର

**ଘରର ପ୍ରବେଶ ଦ୍ୱାରକୁ ସର୍ବଦା ସଫାସୁତୁରା ଆଉ ସୁନ୍ଦର ରଖିବା ଦରକାର। କାରଣ ଏହା ହେଉଛି ଘର ପାଇଁ ଖୁସିର ଦ୍ୱାର। ତେଣୁ ବାସ୍ତୁଶାସ୍ତ୍ର ଅନୁସାରେ ଘରର ପ୍ରବେଶ ଦ୍ୱାର କିପରି ହେବା ଦରକାର ଆସନ୍ତୁ ଜାଣିନେବା ସେ ସମ୍ପର୍କରେ...**

✻ ଘରର ମୁଖ୍ୟ ପ୍ରବେଶ ଦ୍ୱାରରେ ଲାଗିଥିବା କବାଟ ଘରର ଅନ୍ୟ କବାଟ ତୁଳନାରେ ଟିକେ ବଡ଼ ହେବା ଦରକାର ; ଯଦ୍ୱାରା ଏହା ମଧ୍ୟ ଦେଇ ଘର ମଧ୍ୟକୁ ଭରପୁର ଆଲୋକ ଆସିପାରୁଥିବ।

✻ ପ୍ରବେଶ ଦ୍ୱାରରେ ଯେ କୌଣସି ମାଙ୍ଗଳିକ ଚିହ୍ନ ସିଏ ସ୍ୱସ୍ତିକ ହେଉ ଅବା ଓମ୍ କିମ୍ବା କଳସ ଇତ୍ୟାଦିର ଚିହ୍ନ କରିବା ଘର ପାଇଁ ଶୁଭ ହୋଇଥାଏ।

✻ ଘରର ମୁଖ୍ୟ ପ୍ରବେଶ ଦ୍ୱାର ଦୁଇ ଫାଳ ହୋଇ ଭିତରକୁ ଖୋଲୁଥିଲେ ; ଘରେ ସୁଖଶାନ୍ତି ବଢିଥାଏ ବୋଲି ବିଶ୍ୱାସ କରାଯାଏ।

✻ ସେହିପରି ମୁଖ୍ୟ ପ୍ରବେଶ



ଦ୍ୱାରର ଠିକ୍ ସମ୍ମୁଖରେ ଘରର ଅନ୍ୟ କୌଣସି କବାଟ ରହିବା ଆଦୌ ଠିକ୍ ନୁହେଁ।

✻ ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଅଣ୍ଡରଗ୍ରାଉଣ୍ଡ ଟାଙ୍କି ରହିବା ମଧ୍ୟ ଘର ପାଇଁ ଶୁଭଙ୍କର ହୋଇ ନଥାଏ।

✻ ପ୍ରବେଶ ଦ୍ୱାରରେ ଧୂଳି ଜମିବା ଠିକ୍ ନୁହେଁ। ଏହାକୁ ଖୋଲିବା କିମ୍ବା ବନ୍ଦ କରିବା ସମୟରେ ଏଥିରୁ କର୍କଶ ଶବ୍ଦ ବାହାରିବା ମଧ୍ୟ ବାସ୍ତୁ ଅନୁଯାୟୀ ଭଲ ନୁହେଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୪-୩୦

**ମେଷ**: ବନ୍ଧୁଙ୍କ ପ୍ରେରଣା, ସମସ୍ୟାର ପରିସମାପ୍ତି, ପାରିବାରିକ ଶାନ୍ତି, ସ୍ୱାଭାବିକ ପରିସ୍ଥିତି, ପ୍ରଶାସନିକ ସଫଳତା, ବୁଝାମଣାରେ ସହମତି, ବକେୟା ଟଙ୍କା ପ୍ରାପ୍ତି, ସାହିତ୍ୟରେ ସୁନାମ, ନିର୍ମାଣରେ ବାଧା, ନୂତନ ବନ୍ଧୁତ୍ୱ, ଦୂରଯାତ୍ରା ।।

**ବୃଷ**: ସାମୟିକ ଅସୁସ୍ଥତା, କାମସ୍ଥଗିତ ରହିବ, ପରିସ୍ଥିତି ବିଗିଡିବ, ବନ୍ଧୁଙ୍କ ସହଯୋଗ, ଯୋଜନା ବଦଳିବ, ଯାନ୍ତ୍ରିକ ବସ୍ତୁ କ୍ରୟ, ଯାନବାହନ ମରାମତି, ମାଙ୍ଗଳିକ କାର୍ଯ୍ୟ, ପରିବହନରେ ଝଗଡା, ପ୍ରକାଶନରେ ଦ୍ୱନ୍ଦ୍ୱ ।।

**ମିଥୁନ**: ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତି, ସମସ୍ୟା ସମାଧାନ, ପରିବାରର ସହମତି, ବାଣିଜ୍ୟରେ ପ୍ରତିବନ୍ଧକ, ସ୍ୱାସ୍ଥ୍ୟହାନୀ, ସାହିତ୍ୟାନୁରାଗ, ଉଚ୍ଚଶିକ୍ଷାରେ ବାଧା, ସୁସମ୍ପର୍କହାନୀ ।।

**କର୍କଟ**: ସ୍ନାୟବିକ ଦୁର୍ବଳତା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗୀତାରେ ସଫଳତା, ସ୍ତ୍ରୀଙ୍କ ପ୍ରେରଣା, ବନ୍ଧୁଙ୍କ ଅଭିଯୋଗ, ଆତ୍ମୀୟଙ୍କ ଅସହଯୋଗ, ଜମିଜମା କାରବାର, ମନୋରଞ୍ଜନରେ ରୁଚି ।।

**ସିଂହ**: କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଚାପ, ପ୍ରତିକୂଳ ପରିସ୍ଥିତି, ଅସଫଳତାରୁ ଦୁଃଖ, ସାଂଗଠନିକ ସଭା, ନିର୍ମାଣର ପୂର୍ଣ୍ଣାଙ୍ଗତା, ଅନୁକୂଳ ପରିବେଶ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, କଚେରୀ ମାମଲା, ପ୍ରକାଶନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ।।

**କନ୍ୟା**: ଆର୍ଥିକ ସଂକଟ, ମାନସିକ ଦ୍ୱନ୍ଦ୍ୱ, ଦୁର୍ଭାବନା ବୃଦ୍ଧି, ପ୍ରଶାସନିକ ତତ୍ପରତା, ଯାତ୍ରାରେ ଲକ୍ଷ୍ୟପୂରଣ, ଅସୁବିଧା ଦୂର ହେବ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆତ୍ମୀୟଙ୍କ ସାହାଯ୍ୟ, କ୍ରୀଡାରେ ସଫଳତା, ସମସ୍ୟା ସମାଧାନ ।।

**ତୁଳା**: ନିୟନ୍ତ୍ରଣରେ ସ୍ୱାସ୍ଥ୍ୟ, ଆର୍ଥିକ ଦୂରବସ୍ଥା, ଭାତୃ ବିବାଦ, ଯାନବାହନରେ ତ୍ରୁଟି, ବନ୍ଧୁଙ୍କ ଅପପ୍ରଚାର, ଧନହାନୀରୁ ମନସ୍ତାପ, ଗୁରୁଜନଙ୍କ ଆଶ୍ୱାସନା, ନୂତନ ଯୋଜନାରମ୍ଭ, ବାଣିଜ୍ୟର ଅଭିବୃଦ୍ଧି, ମାଲିମକଦ୍ଦମାରେ ସଫଳତା।

**ବିଛା**: ଅଭାବରୁ କାର୍ଯ୍ୟହାନୀ, ଦୁଃସ୍ଥ ମାନସିକତା, ବନ୍ଧୁ ଦୂରେଇ ଯିବେ, ନିଷ୍ପତିରେ ତ୍ରୁଟି, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ସାନ୍ତ୍ୱନା ବାଣୀ, ସହକର୍ମୀଙ୍କ ସହଯୋଗ, ଅନାବଶ୍ୟକ ଖର୍ଚ୍ଚ, ନୂତନ କର୍ମାରମ୍ଭ, ବିୟୋଗାତ୍ମକ ଖବର ।।

**ଧନୁ**: ଧନ, ସମ୍ମାନ ଲାଭ, ଯୋଜନା ବିଗିଡିବ, ପ୍ରଗତିର ପଥରୋଧ, ଉପହସିତ ହେବେ, କର୍ମକ୍ଷେତ୍ରରେ ଶତ୍ରୁତା, ମକଦ୍ଦମାରେ ବାଇଦା, ଗୋପନ କଥାର ପ୍ରଘଟ, ସନ୍ତାନଙ୍କ ବିଶୃଙ୍ଖଳା, କରଜ କରିବେ ।।

**ମକର**: ସମ୍ମାନ ଲାଭ, ବନ୍ଧୁଙ୍କ ବଦାନ୍ୟତା, ପ୍ଲଟିଙ୍ଗ ବେପାର, ଯାନବାହାନ ମରାମତି, ବିବାଦରେ ବିଜୟ, ଆର୍ଥିକସ୍ଥିତି ବଦଳିବ, ରଚନାତ୍ମକ କାର୍ଯ୍ୟ, ଉଚ୍ଚଶିକ୍ଷାରେ ପ୍ରତିବନ୍ଧକ, ଯୋଜନା ସଫଳ, ପାରିବାରିକ ଶାନ୍ତି ।।

**କୁମ୍ଭ**: ଅପ୍ରତ୍ୟାଶିତ ଖବର, ନୂତନ ଗୃହାରମ୍ଭ, ଆନୁଷ୍ଠାନିକ କର୍ମ, ସଭା ସମିତିକୁ ନିମନ୍ତ୍ରଣ, ଅଧ୍ୟୟନରେ ଏକାଗ୍ରତା, ସହକର୍ମୀଙ୍କ ବିରୋଧ, ଆଳସ୍ୟରୁ କର୍ମହାନୀ, ପ୍ରତୀକ୍ଷାଜନିତ ଯନ୍ତ୍ରଣା, କରଜ କରିବେ ।।

**ମୀନ**: ସମସ୍ୟା ସମାଧାନ, କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ପ୍ରଶଂସା, ପାରିବାରିକ ଦ୍ୱନ୍ଦ୍ୱ, ଫଳପ୍ରଦ ଆଲୋଚନା, ଫାଇଲ୍ କାମ ବୃଦ୍ଧି, ଯାତ୍ରାରେ ବିବାଦ, ସାଂସ୍କୃତିକ କାର୍ଯ୍ୟାରମ୍ଭ, ବ୍ୟବସାୟରେ ଉନ୍ନତି, ପଦୋନ୍ନତି, ଗଠନମୂଳକ କାମ ।।

# ଜାମୁକୋଳିର ଉପକାରିତା

**ଜା**ମୁକୋଳିରେ ଭିଟାମିନ୍ ସି ଏବଂ ଆଇରନ୍‌ର କିଛି ମାତ୍ରା ରହୁଥିବାରୁ ଏହା ଶରୀରରେ ହିମୋଗ୍ଲୋବିନର ସ୍ତରକୁ ବଢାଇବାରେ ବେଶ୍ ସହାୟକ ହୋଇଥାଏ। ସେହିପରି ଜାମୁକୋଳି ଖାଇବାଦ୍ୱାରା ପାଚନ ଶକ୍ତି ବୃଦ୍ଧି ପାଇବା ସଙ୍ଗେସଙ୍ଗେ କୋଷ୍ଠକାଠିନ୍ୟ ତଥା ଡାଇରିଆ ସମସ୍ୟାରୁ ବି ଅନେକାଂଶରେ ଉପଶମ ମିଳିଥାଏ। ଜାମୁକୋଳି ଖାଇଲେ ତ୍ୱଚାରେ ଚମକ ବି ଆସିଥାଏ। ତା'ସାଙ୍ଗକୁ ମୁଖବ୍ରଣ ମଧ୍ୟ ଦୂର ହୋଇଥାଏ। ଶରୀରରେ କୋଲେଷ୍ଟେରଲ୍‌ର ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ଜାମୁକୋଳି ବେଶ୍ ସହାୟକ ହୋଇଥାଏ। ସେହିପରି କୁହାଯାଏ, ଜାମୁକୋଳିରେ ଏପରି କିଛି ଗୁଣକାରୀ ତତ୍ତ୍ୱ ରହିଛି ; ଯଦ୍ୱାରା ଏହାକୁ ଟାଇପ୍-୨ ଡାଇବେଟିସ୍ ହୋଇଥିବା ରୋଗୀ ଖାଇଲେ ଅନେକ ଉପକାର ପାଇପାରିବେ। ଏହାଛଡ଼ା ଉଚ୍ଚ ରକ୍ତଚାପ, ହୃଦୟ ରୋଗ ତଥା ଷ୍ଟ୍ରୋକ୍ ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜାମୁକୋଳି ଖାଇବା ବେଶ୍ ଉପକାରୀ ହୋଇଥାଏ।



# ପାଠକୀୟ

✻ ମହାପ୍ରଭୁ ଶ୍ରୀଜଗନ୍ନାଥ। ରାଜାଧିରାଜ ସେ କାଳିଆ ସାଆନ୍ତ। ସମନ୍ୱିତ ସାଂସ୍କୃତିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ। ଅପୂର୍ବ ତାଙ୍କର ମାନବୀୟ ଲୀଳା। ପୁଣି ବେଶ ମଧ୍ୟରେ ଅନନ୍ୟ ବିଶ୍ୱନିୟନ୍ତାଙ୍କ ସୁନାବେଶ। ବର୍ଷକୁ ରତ୍ନ ସିଂହାସନରେ ୪ଥର ଆଉ ଥରେ ଭାଇଭଉଣୀଙ୍କ ସହ ରଥରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜେଇ ହୁଅନ୍ତି କାଳିଆ ଠାକୁର। ତେଣୁ ପ୍ରଭୁଙ୍କର ୫ଥର ହେଉଥିବା ସୁନାବେଶକୁ ନେଇ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମର୍ମସ୍ପର୍ଶୀ ହୋଇପାରିଥିଲା। 'ଖଟ ତଳେ କ'ଣ ରଖିବେ ନାହିଁ' ପାଠରୁ ବହୁ ଅଜଣା କଥା ଜାଣିହେଲା।

*–ସୁକାନ୍ତି ସାହୁ, ଚାନ୍ଦବାଲି, ଭଦ୍ରକ*

✻ ଆଷାଢ ଶୁକ୍ଳ ବଡ଼ ଏକାଦଶୀ ଦିନ ରଥ ଉପରେ ଅନୁଷ୍ଠିତ ହୁଏ ଦାରୁଦିଅଁଙ୍କ ସୁନାବେଶ। ଏହାବ୍ୟତିତ ଶ୍ରୀମନ୍ଦିରରେ ସମ୍ପାଦିତ ହୋଇଥାଏ ୪ଥର ସୁନାବେଶ। ତେଣୁ ଗୋଟିଏ ବାକ୍ୟରେ କହିବାକୁ ଗଲେ, ବର୍ଷକ ଭିତରେ ମହାପ୍ରଭୁଙ୍କର ମୋଟ ୫ଥର ସୁନାବେଶ ହୋଇଥାଏ ; ଯାହାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇପାରିଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଚୋକର ଟପ୍ସ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟ, ସଙ୍ଗୀତ, ବେତାର, ନାଟକ ଓ ଚଳଚ୍ଚିତ୍ର ଜଗତରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*–ଜୟନ୍ତ ଷଡଙ୍ଗୀ, ଛେଣ୍ଡ କଲୋନୀ, ରାଉରକେଲା*

✻ ସୃଜନ ପୃଷ୍ଠାରେ ସ୍ଥାନିତ 'କିଛି ରହିଗଲା କି' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି 'କୁଲ୍ କୁଲ୍ ତାପସୀ', 'ହୁମାଙ୍କ ମନ କଥା', 'ବଡ଼ ପରଦାରେ ଦୀପ୍ତି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। ଗୀତିକାର ତଥା ଗୋପବନ୍ଧୁ ଏକାଡେମୀରେ ଯୁଗ୍ମ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଡ.ମମତାରାଣୀ ନାୟକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମନଛୁଆଁ ଲାଗୁଥିଲା।

*–ରଶ୍ମିକା ଦାଶ, ସେକ୍ଟର ୧, ରାଉରକେଲା*

✻ ସାଥୀର ଉତ୍ତର ପଢିବାକୁ ମୋତେ ବହୁତ ଭଲ ଲାଗେ। ବସିବା ଢଙ୍ଗରୁ ବ୍ୟକ୍ତିତ୍ୱ କିପରି ଜାଣିହେବ, ସେ ସମ୍ପର୍କରେ ଛୁଟିଦିନରୁ ପଢି ଅନେକ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ପ୍ରିୟଙ୍କା ଖୁବ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ଜାଗେଶ୍ୱର ଧାମ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରୁ ଗୋଟିଏ ଗଛରେ କିପରି ୩୨,୦୦୦ ଟମାଟୋ ଫଳିପାରୁଛି ତାହା ଜାଣି ଖୁସି ଲାଗିଲା।

*–ନବଘନ ସାହୁ, ପାଣିକୋଇଲି, ଯାଜପୁର*

## ବିଶେଷ ଚିଠି



**ହେ** ମୋର ପ୍ରିୟ ଛୁଟିଦିନ
ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ,
ତୁମ କଥା ଭାବି ଭାବି
ରାତିସାରା ଦେଖୁଛି ମୁଁ କେତେ ସପନ।
ଆଗାମୀ ରବିବାରେ କେଉଁ ପ୍ରଚ୍ଛଦ ଆସିବ
କେତେ ନୂଆ ନୂଆ କଥା ସେ ଆମକୁ କହିବ,
ତା'ସାଙ୍ଗକୁ ପୁଣି ସୃଜନ ଓ ସିନେମା
ବିବିଧା ସହିତ ପୁଣି ବ୍ୟାକ୍‌ପେଜ୍‌ର ଦୁନିଆ।
ଛୁଟିଦିନ ସତରେ ତୁମ ଜବାବ ନାହିଁ
କ୍ଷଣକେ ନେଇଯାଅ ସଭିଙ୍କୁ ଆପଣେଇ।

*–ସ୍ନେହାଶ୍ରି ମିଶ୍ର, ମାଟିତୋଟା, ପୁରୀ*

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ବର୍ଷା, ଇଲିଶି ଓ ବାଲିଛତୁ...





ବର୍ଷା କଥା ଆସିଲେ ଯେମିତି ମନରେ ଆସେ କାଗଜଡଙ୍ଗା କଥା। ସେମିତି ମନରେ ଆସେ ଇଲିସି ଆଉ ବାଲିଛତୁର କଥା...



ଶ୍ରାବଣର ଆକାଶରେ କଳାହାଣ୍ଡିଆ ମେଘ। ଅବିଳମ୍ବେ ମେଘ ବରଷିବାର ସମ୍ଭାବନା । ଏ ବେଳରେ କଳାମେଘ ଦେଖି ନାଚେ ମୟୂର । ସାରୁଗଛ ମୂଳେ ବେଙ୍ଗବେଙ୍ଗୁଲୀଙ୍କ ଖେଳ। ବାଉଁଶ ବୁଦାରେ କୁମ୍ଭାଟୁଆର ରାବ। ଗହୀର ବିଲରେ ଚଷାପୁଅର ବେଉଷଣ। ବେଳେବେଳେ ଆକାଶରେ ଖରାଛାଇର ଲୁଚକାଳିଖେଳ। ଇନ୍ଦ୍ରଧନୁର ସପ୍ତରଙ୍ଗର ବର୍ଣ୍ଣାଳି ଉଙ୍କିମାରେ। ହଠାତ୍ ବର୍ଷା ଆସେ ପୁଣି ଛାଡ଼ିଯାଏ। ସବୁଜ ଘାସ ଗାଲିଚାରେ ନାଲି ଟୁକୁଟୁକୁ ସାଧବବୋହୂର ଚାଲି। ବର୍ଷାଋତୁରେ ଭରାନଈରେ ଜଳଚର ଜୀବଙ୍କ ଚଳଚଞ୍ଚଳ ଗତି। ବାଡ଼ିବଗିଚାରେ ନାନାପ୍ରକାର ପନିପରିବା। ରଞ୍ଜାରେ ଜହ୍ନିକଷି ଓ କଖାରୁ ଫୁଲର ସମ୍ଭାର । ନଈପଠା, ତୋଟାମାଳ କିମ୍ବା ଜଙ୍ଗଲ ଭୂଇଁରେ ଫୁଟିଥିବା ନାନାପ୍ରକାର ବାଲିଛତୁ। ଗହୀରବିଲ ବୁଡ଼ା ପାଣିରେ ଚୂନା ମାଛ ଧରିବାର ନିଶା। ଏଦିନରେ ବିଶେଷକରି ଇଲିଶି ମାଛର ଭଜା, କଖାରୁଫୁଲର ପିଠଉ, ବାଲିଛତୁର ବେସରପୋଡ଼ା ଏମିତି କେତେକ ଖାଦ୍ୟର ସ୍ୱାଦ ଖୁବ୍ ନିଆରା। ସତରେ ବର୍ଷା ଆସିଲେ ହିଁ ଏହିସବୁ ସ୍ୱାଦିଷ୍ଟ ଖାଇବାର କଥା ଚାଲିଆସେ ଆପେ ଆପେ ମନକୁ..

**କେନ୍ଦୁଝରରେ ଭଳିକି ଭଳି ଛତୁ**–ବର୍ଷାଋତୁ ଆସିଲେ କେନ୍ଦୁଝର ଜିଲାର ବଣପାହାଡ଼, ବାଡ଼ିବଗିଚା ଆଦିରେ ଭଳିକି ଭଳି ଛତୁ ଫୁଟେ । ଏହି ଛତୁର ପସରା ଗାଁଗଣ୍ଡା, ହାଟବଜାର, ସହର ତଥା ରାଜରାସ୍ତାରେ ମେଲିଥାଏ । ବିଶେଷ କରି ଏହି ଋତୁରେ ଆଦିବାସୀମାନେ ବଣଜଙ୍ଗଲରୁ ଛତୁ ସଂଗ୍ରହ କରି ହାଟବଜାରରେ ବିକ୍ରି କରିଥାନ୍ତି । ଅବଶ୍ୟ ଆଜିକାଲି ଛତୁର ଚାହିଦା ସବୁଠି ରହିଛି। ଧନୀ ଗରିବ ସବୁ ଶ୍ରେଣୀର ଲୋକଙ୍କ ଘରେ ଛତୁ ତରକାରି ମହକି ଉଠେ । କିନ୍ତୁ ଆଜିକାଲି ବୈଜ୍ଞାନିକ ପଦ୍ଧତିରେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଛତୁ ଉତ୍ପାଦନ ହେଉଥିବା ଦେଖାଯାଏ। ମାତ୍ର ବର୍ଷା ଋତୁରେ ପ୍ରାକୃତିକ ଉପାୟରେ ବଣ ଜଙ୍ଗଲରୁ ମିଳୁଥିବା ଛତୁର ଚାହିଦା ଓ ସ୍ୱାଦ ଅତ୍ୟନ୍ତ ନିଆରା । ଭଳିକି ଭଳି ରଙ୍ଗର ଛତୁ ରାସ୍ତାକଡ଼ରେ ଦେଖିବାକୁ ମିଳୁଛି । ସେଗୁଡ଼ିକର ନାମ ମଧ୍ୟ ଭିନ୍ନ ଭିନ୍ନ ରହିଥାଏ। ସେଥିମଧ୍ୟରେ ବାଲିଛତୁ, ବିହୁଡୁଣି, ରୁଟୁକା, ପିଚ, ମଣ୍ଡା, ପତ୍ରୁରା, ମହାମଣି, ଭାନ୍ତୁ, ଅଙ୍ଗାରୁ, କୁଟାଛତୁ, ବାଉଁଶଛତୁ, କାଠଛତୁ ଆଦି ନାମକରଣ କରାଯାଇଛି। ଏହି ଛତୁକୁ ବିକାଳିମାନେ ରାସ୍ତାକଡ଼ରେ ପତ୍ରଠୋଲା ବା ଚଉତିରେ ଭାଗ କରି ବିକ୍ରି କରୁଥିବାର ଦେଖିବାକୁ ମିଳେ। ଏହାକୁ ବେପାରୀମାନେ ବିଭିନ୍ନ ଦରରେ କିଣି ସେମାନଙ୍କ ଲାଭାଂଶ ରଖି ବିକ୍ରି କରିଥା'ନ୍ତି। କିନ୍ତୁ ଛତୁ ହେବା ପାଇଁ ଖରାଦିନେ ଜଙ୍ଗଲ, ପାହାଡ଼, ଜମିବାଡ଼ି, ବିଲ, ଖାଲଖମା ଆଦିରେ ଶୁଖିଲାପତ୍ର, ଘାସ ଆଦି ମାଟିରେ ମିଶି ଯାଇଥାଏ । ବର୍ଷା ହେଲେ ସେହି ସ୍ଥାନଗୁଡ଼ିକରେ ଛତୁ ଫୁଟିଥାଏ । ସ୍ଥାନୀୟ ବନବାସୀ ସକାଳୁ ଡାଲା, ପାଛିଆ ଧରି ବଣଜଙ୍ଗଲକୁ ବାହାରି ଯାଆନ୍ତି ଏବଂ ଛତୁ ସଂଗ୍ରହ କରି ଘରକୁ ଫେରନ୍ତି। ବିଶେଷ କରି କେନ୍ଦୁଝର ଜିଲାର ବାଂଶପାଳ, ହରିଚନ୍ଦନପୁର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଓ ଘଟଗାଁ ଆଦି ବଣପାହାଡ଼ଘେରା ବ୍ଲକର ଗ୍ରାମାଞ୍ଚଳରେ ବର୍ଷାଦିନେ ଛତୁ ଫୁଟିଥାଏ । ଯଦିଓ ବଜାରରେ ଆଜିକାଲି ବର୍ଷର ସବୁସମୟରେ ପାଳ, କୁଟା, ବଟନ ଆଦି ଚାଷ ଛତୁ ମିଳିପାରୁଛି । କିନ୍ତୁ ଏହି ଛତୁର ସ୍ୱାଦଠାରୁ ପ୍ରାକୃତିକ ଉପାୟରେ ବଣଜଙ୍ଗଲରୁ ମିଳୁଥିବା ଛତୁର ସ୍ୱାଦ ଓ ଚାହିଦା ଅଧିକ। ଏହି ଛତୁକୁ ସେଠାକାର ଲୋକ ସଂଗ୍ରହକରିବା ସହିତ ନିଜର ତରକାରିପାଇଁ ରଖି କେହିକେହି ବଳକା ଛତୁକୁ ହାଟବଜାରରେ ବିକିଥା'ନ୍ତି । ବିଶେଷ କରି ପ୍ରତ୍ୟେକ ଓଡ଼ିଆ ଘରେ ଏହି ଋତୁରେ ଛତୁର ବିଭିନ୍ନ ପ୍ରକାର ତରକାରି ଦେଖିବାକୁ ମିଳେ । ତେବେ ଛତୁ ଭାଗ ୨୦ରୁ ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସେମାନଙ୍କଠାରୁ ବେପାରୀମାନେ କମ୍ ଦାମରେ କିଣି କିଲୋ ପିଛା ପ୍ରାୟ ୧୦୦ରୁ ୪୦୦ଟଙ୍କା ପର୍ଯ୍ୟନ୍ତ ବାହାରେ ବିକିଥା'ନ୍ତି । ବିଶେଷ କରି ବାଲି, ରୁଟୁକା, ବିହୁଡୁଣି, କୁଟା ଆଦି ଛତୁର ଚାହିଦା ଅଧିକ ରହିଛି । ଏହାର ଦାମ ମଧ୍ୟ ଅନ୍ୟ ଛତୁ ତୁଳନାରେ ଅଧିକ। ଏହି ଛତୁର ଆଜିକାଲି ବଡ଼ ବଡ଼ ହୋଟେଲରେ ମଧ୍ୟ ଚାହିଦା ରହିଛି । ଛତୁକୁ ସାଧାରଣତଃ ତରକାରି, ଭଜା, ରାଇ ଆଦି କରି ଖିଆଯାଇଥାଏ । ତେବେ ବେଳେବେଳେ ଅସାବଧାନତା ଯୋଗୁ ଏହି ଦିନରେ କେତେକ ବିଷାକ୍ତ ଛତୁ ଖାଇ ଅନେକେ ଅସୁସ୍ଥ ହୋଇପଡ଼ନ୍ତି ଏବଂ ଅନେକ ସମୟରେ ମୃତ୍ୟୁମୁଖରେ ପଡିଥାନ୍ତି। ଏଣୁ ଛତୁକୁ ଦେଖିପରଖି ଏବଂ ଭଲଭାବରେ ଧୋଇ ରାନ୍ଧି ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥା'ନ୍ତି । ଆଜିକାଲି କୁଟା ବା ବଟମ ଛତୁ ବର୍ଷ ତମାମ ଚାଷ କରାଯାଇ ପାରୁଥିବାରୁ ବର୍ଷସାରା ଖାଇବାକୁ ମିଳିଥାଏ । ହୋଟେଲଗୁଡ଼ିକରେ ମଧ୍ୟ ଏହି ଛତୁ ତରକାରିର ଚାହିଦା ଅନେକ ରହିଛି । ଛତୁକୁ ଭଜା, ତରକାରି ଓ ପକୁଡି କରି ଲୋକେ ଖାଇଥାନ୍ତି। ତେବେ ଗ୍ରାମାଞ୍ଚଳରେ ଛତୁକୁ ପିଠା କରି ମଧ୍ୟ ଖିଆଯାଏ । ତେବେ ଛତୁପାଇଁ ଉପଯୁକ୍ତ ବଜାର ଅଭାବରୁ ଆଦିବାସୀମାନେ ଅନେକ ସମୟରେ ବେପାରୀଙ୍କ ଶୋଷଣର ଶିକାର ହୋଇଥା'ନ୍ତି। ଏହି ଋତୁରେ କେତେ ପରିମାଣରେ ଛତୁ କାରବାର ହୋଇଥାଏ,



→





ଏହାର ଠିକ୍ ତଥ୍ୟ କାହା ପାଖରେ ନାହିଁ। କିନ୍ତୁ ଆନୁମାନିକ ପ୍ରାୟ ୧୦ଟନ୍‌ରୁ ଅଧିକ ଛତୁ କାରବାର ହୋଇଥାଏ ବୋଲି କୁହାଯାଏ । ବାଂଶପାଳ ଅଞ୍ଚଳର ବାସୁମତି ଦେହୁରୀ କୁହନ୍ତି ଛତୁ ସଂଗ୍ରହକରି କିଛିମାସ ଆମକୁ ରୋଜଗାର ମିଳିଯାଏ। ବର୍ଷା ଋତୁରେ ପାଖାପାଖି ଦୁଇ ମାସ ଧରି ଛତୁ ସଂଗ୍ରହ କରି ସେସବୁ ବିକି ଜୀବିକା ନିର୍ବାହ କରିଥାଉ । କିନ୍ତୁ ଆଜିକାଲି ଆଗଭଳି ଆଉ ବହୁଳ ପରିମାଣରେ ଛତୁ ମିଳୁନାହିଁ । ବର୍ଷାର ଅନିୟମିତତା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଛତୁ ଆଗ ଭଳି ଫୁଟୁ ନାହିଁ। ଏଣୁ ଆଗରୁ ଗ୍ରାମରେ ହାତପାଆନ୍ତାରେ ମିଳୁଥିବା ଛତୁ ଏବେ ସେମିତି ନାହିଁ । ବାଡିବଗିଚାରେ ମଧ୍ୟ ପ୍ରଚୁର ପରିମାଣରେ ଛତୁ ମିଳୁଥିଲା । ଛତୁ ପାଇଁ ଦୂର ଜଙ୍ଗଲ ଓ ପାହାଡ଼କୁ ଯିବାକୁ ହୋଇଥାଏ । ଛତୁ ଜଙ୍ଗଲରେ କୁଢାଇବା ଓ ସେଠାରୁ ଆଣି ହାଟବଜାରରେ ବିକୁଥିଲେ ହେଁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ ବୋଲି କହିଛନ୍ତି କାଞ୍ଚିପାଣି ଅଞ୍ଚଳର ସୁରଥି ନାଏକ । ହରେକୃଷ୍ଣ ମହାନ୍ତ, ବୈଦ୍ୟ ବିଶାରଦ କୁହନ୍ତି ଯେ, ଛତୁରେ ଭରି ରହିଛି ପ୍ରୋଟିନ । ଏଣୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକାରକ । କିନ୍ତୁ ଅନେକ ସମୟରେ ବିଷାକ୍ତ ଛତୁ ଖାଇ ଅନେକେ ଅସୁସ୍ଥ ହୋଇପଡନ୍ତି । ଏଣୁ ଦେଖିପରଖି ଛତୁ କିଣିବା ସହ ଖାଇବା ଜରୁରୀ। ଜିଲା ଓର୍‌ମାସ କାର୍ଯ୍ୟ ନିର୍ବାହୀ ସପନ ଗୋସ୍ୱାମୀ କୁହନ୍ତି, 'ଛତୁ ଚାଷ ପାଇଁ ଉଦ୍ୟାନ ବିଭାଗର ବିଭିନ୍ନ ସ୍କିମ ରହିଛି । କିନ୍ତୁ ଏହି ଋତୁରେ ବଣପାହାଡ଼ରୁ ସଂଗ୍ରହ କରି ଆଦିବାସୀମାନେ ବିକୁଥିବା ଛତୁ ବିକ୍ରି ବା ପରିଚାଳନା ପାଇଁ କୌଣସି ସ୍କିମ୍ ନାହିଁ । ସେମାନେ ନିଜେ ସଂଗ୍ରହ କରି ନିଜେ ବିକ୍ରି କରି ଦୁଇ ପଇସା ପାଇଥାନ୍ତି । ରାଜ୍ୟର ଅନେକ ଅଞ୍ଚଳରେ ବିଭିନ୍ନ ପ୍ରକାର ଛତୁ ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷେ ବର୍ଷା ଋତୁ ଆସିଲେ ଅନେକେ ଚାଷି ପନିପରିବା ଚାଷ କରିଥାନ୍ତି। କିନ୍ତୁ ଏହି ସମୟରେ ବନବାସୀମାନେ ବିଶେଷ କରି ପାହାଡର ଗଡାଣିଆ ଜମିରେ ତଇଳାକାଟି ସେ ସବୁକୁ ପୋଡି ବର୍ଷା ହେଲେ କାକୁଡି, ଜହ୍ନି, ବିଭିନ୍ନ ପ୍ରକାରର ଛତୁ, ଭେଣ୍ଡି, କଞ୍ଚା କଦଳୀ, ରୁମା ଛୁଇଁ, କାଙ୍କଡ, ବାଇଗଣ, ଲାଉ, ଅମୃତଭଣ୍ଡା, ସଜନା ଛୁଇଁ, କଖାରୁ ଫୁଲ, କଖାରୁ ଡଙ୍କ, କଦଳୀ ମଞ୍ଜା, କଲରା, ବିଭିନ୍ନ ପ୍ରକାରର ପରିବା ଓ ଶାଗ ଆଦି ଚାଷ କରିଥାନ୍ତି ।

**ଧାମରା ଇଲିଶି**–ବର୍ଷା ଆସିଲେ ଇଲିଶି ମାଛର କଥା ମନରେ ଆସେ। କାରଣ ମାଛ ମଧ୍ୟରେ ଇଲିଶିର ସ୍ଥାନ ସ୍ୱତନ୍ତ୍ର । ସମୁଦ୍ର ସହ କେତେକ ନଦୀ ଓ ଚିଲିକାରେ ଏହି ମାଛ ଦେଖିବାକୁ ମିଳିଥାଏ। ଏହା କଣ୍ଟାଯୁକ୍ତ ଓ ତେଲିଆ ହୋଇଥିଲେ ବି ଖୁବ୍ ସ୍ୱାଦିଷ୍ଟ । ତେବେ ଏହାର ବଜାର ଦର ମଧ୍ୟ କିଛି କମ୍ ନୁହେଁ। ବିଶେଷକରି ବର୍ଷାଋତୁରେ ଓଡ଼ିଶାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଧାମରା ମତ୍ସ୍ୟ ପୋତାଶ୍ରୟର ଚନ୍ଦନିପାଳ ବେସ୍‌ରୁ ଅଧିକ ପରିମାଣରେ ଇଲିଶି ଧରା ହୋଇଥାଏ। ସାଧାରଣତଃ ବର୍ଷର ଆଷାଢ, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସ ହିଁ ଇଲିଶିର ଋତୁ। ତେବେ ଜଳବାୟୁର ପରିବର୍ତ୍ତନ ଓ ଅନିୟମିତ ବୃଷ୍ଟିପାତ ଯୋଗୁ ଇଲିଶି ଧରାହେବାରେ କିଛି ଫରକ ଆସିଥାଏ । ଧାମରାର ଅବସରପ୍ରାପ୍ତ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଦେବେନ୍ଦ୍ରନାଥ ପ୍ରଧାନ କୁହନ୍ତି, ଇଲିଶି ଏକ ସାମୁଦ୍ରିକ ମାଛ । ଏହିମାଛ ଗଭୀର ସମୁଦ୍ରରେ ଦଳଦଳ ହୋଇ ବାସକରିଥାନ୍ତି। ସମୁଦ୍ରରେ ଏମାନଙ୍କର ଗତି ଖୁବ ତୀବ୍ର । ବର୍ଷାର ପରିମାଣକୁ ଲକ୍ଷ୍ୟ କରି ଧାମରା ଅଞ୍ଚଳରେ ମୁଖ୍ୟତଃ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଇଲିଶିକୁ ଗିଲନେଟ ଜାଲରେ ଧରା ହୋଇଥାଏ । ବନ୍ୟା ବର୍ଷା, କୋହଲା ପାଗ ଓ ପୂବେଇ ପବନ ହେଲେ ଏହିମାଛ ପ୍ରଜନନ ପାଇଁ ଦଳଦଳ ହୋଇ ଗଭୀର ସମୁଦ୍ରରୁ ବାହାରି ମଧୁର ଜଳର ଉତ୍ସର ମୁହାଣ ଆଡକୁ ଆସିଥାଆନ୍ତି । ମଧୁର ଜଳ ସଂସ୍ପର୍ଶରେ ଆସିଲେ ଏମାନଙ୍କ ଶରୀରରେ ଚର୍ବି ଅଂଶ ବୃଦ୍ଧି ପାଇଥାଏ । ଏହି ସମୟରେ ବହୁଳପରିମାଣରେ ଜାଲରେ ପଡିଥାଆନ୍ତି । ଧାମରା, କଷିଆ, ବଳରାମଗଡି, ତାଳସାରୀ, ଦୀଘା ପର୍ଯ୍ୟନ୍ତ ବିଭିନ୍ନ ମାଛଧରା ବେସ୍‌ରେ ଏହି ମାଛ ଧରାଯାଇଥାଏ । କିନ୍ତୁ ଧାମରାରୁ ଧରାଯାଉଥିବା ଇଲିଶିମାଛ ସିଧାସଳଖ ଦୀଘାକୁ ଚାଲାଣ ହୋଇଥାଏ। ଗୋଟିଏ ଗୋଟିଏ ଇଲିଶିମାଛର ଓଜନ ପ୍ରାୟ ୩ରୁ ୪ କି.ଗ୍ରା. ହୋଇଥାଏ। ବଜାର, ଗ୍ରାହକ ଓ ମାଛଧରା ହେବାର ପରିମାଣକୁ ନେଇ ଏହାର ବିକ୍ରି ଦାମ୍ ନିର୍ଭର କରୁଛି । ସାଧାରଣତଃ ବଜାରରେ ୫ଶହ ଗ୍ରାମରୁ ପ୍ରାୟ ଦେଢ କିଲୋଗ୍ରାମର ଇଲିଶି ବିକ୍ରି କରାଯାଇଥାଏ। । ସୂଚନା ଅନୁସାରେ ୫ଶହ ଗ୍ରାମରୁ କମ୍ ମାଛ କିଲୋପ୍ରତି ୬ଶହରୁ ୮ଶହ, ୫ଶହ ଗ୍ରାମରୁ ୧କିଲୋପ୍ରତି ୧୨ଶହରୁ ୧୫ଶହ, ୧କିଲୋରୁ ଅଧିକ ମାଛ କିଲୋପ୍ରତି ୧୮ଶହରୁ ୨ହଜାର ଟଙ୍କାରେ ବିକ୍ରି ହୋଇଥାଏ। ମାତ୍ର ବେଳେବେଳେ ବହୁଳମାତ୍ରାରେ ଇଲିଶି ଧରାଯାଇଥିବାରୁ କିଛି ଶସ୍ତା ଦରରେ ସ୍ଥାନୀୟ ବଜାରରେ ଇଲିଶି ବିକ୍ରି ହୋଇଥାଏ। ଅନ୍ୟପକ୍ଷେ ବର୍ଷର ସବୁ ସମୟରେ ସମୁଦ୍ରରୁ ଏହି ମାଛଧରା ହେବା ଓ ଅନିୟମିତ ବୃଷ୍ଟିପାତ କାରଣରୁ ପ୍ରଜନନ ବାଧାପ୍ରାପ୍ତ ଯୋଗୁ ଏମାନଙ୍କ ପରିମାଣ କମ୍ ହେବାରେ ଲାଗିଛି । ନଦୀ ପ୍ରଦୂଷଣ ଓ ଆନିକଟ ଇଲିଶି ମାଛ ବଂଶ ବୃଦ୍ଧିରେ ବାଧକ ସାଜିଛି । ସବୁବେଳେ ଇଲିଶିମାଛର ଚାହିଦା ରହିଥିବା ବେଳେ ଏହାର ଆମଦାନୀ କମ୍ ହେବାରୁ ଇଲିଶିର ଦାମ୍ ଆକାଶଛୁଆଁ ହୋଇଥାଏ। ସେହିପରି ରାଜ୍ୟ ବାହାରେ ଏହାର ଚାହିଦା, ପ୍ୟାକିଂ ଓ ପରିବହନ ବ୍ୟବସ୍ଥାର ଉନ୍ନତୀକରଣରୁ ବିଶେଷକରି ସ୍ଥାନୀୟ ବଜାରରେ କମପରିମାଣର ମିଳେ। କିନ୍ତୁ ଇଲିଶିର ସାଦୃଶ୍ୟ ଥିବା ଏକ ମାଛ ଇଲଶା (ଚିଲିକା ଅଞ୍ଚଳର ବଳଙ୍ଗମାଛ) ବଜାରରେ ସବୁବେଳେ ମିଳିଥାଏ।

**ପାରାଦୀପ ଇଲିଶି**–କଥାରେ ଅଛି ଚାକିରି କରିବ ପୋଲିସ ମାଛ ଖାଇବ ଇଲିଶି। ଏକଦା ଉପକୂଳ ଓଡ଼ିଶାର ସର୍ବବୃହତ ପାରାଦୀପ ମାଛଧରା ବନ୍ଦର ଇଲିଶି ପାଇଁ ପ୍ରସିଦ୍ଧ ଥିଲା। ଶ୍ରାବଣ, ଭାଦ୍ରବ ଦୁଇମାସରେ ପ୍ରଚୁର ଇଲିଶି ଧରାହେଉଥିଲା। ବେଳେବେଳେ ଅଧିକ ମାଛ ଉତ୍ପାଦନ ବେଳେ ବରଫ ଅଭାବ ପଡିଥାଏ। ସେଦିନ ଇଲିଶି ଗଦା ଆକାରରେ ବିକ୍ରି ହୁଏ। ଯୋଡ଼ା କୋଡିଏ (୨୦ ଟଙ୍କାରେ ଦୁଇଟି ଇଲିଶି, ଯାହାର ଓଜନ ଆନୁମାନିକ ୧କେଜି)ରେ ବିକ୍ରି ହୁଏ। ୨୦୧୧ମସିହା ପରଠାରୁ ସେଭଳି ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ। କାରଣ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଏହି ୧୨ ବର୍ଷ ମଧ୍ୟରେ କେବଳ୨୦୧୯ ସେପ୍ଟେମ୍ବରରେ ଦୁଇଦିନ ଅଧିକ ଇଲିଶି ଉତ୍ପାଦନ ହୋଇଥିଲା। ସେହି ଦୁଇଦିନ ବଜାର ମୂଲ୍ୟ ସାମାନ୍ୟ ହ୍ରାସ ପାଇଥିଲା। ଯୋଡ଼ା ୮୦ ରୁ ୧୦୦ ଟଙ୍କାରେ ମିଳିଥିଲା। ଏବେ ପ୍ରାୟତଃ ଇଲିଶି ବହୁଳ ମାତ୍ରାରେ ଧରାହେବା ଦେଖିବାକୁ ମିଳୁନାହିଁ। ଇଲିଶିମାଛ ଗଦି ବୋଲି ଖ୍ୟାତ ଅଠରବାଙ୍କି ବାଲିଫ୍ଲଟର ବ୍ୟବସାୟୀ ପରେଶ ମଣ୍ଡଳ କୁହନ୍ତି, ଚଳିତବର୍ଷ କାଁ ଭାଁ ଡଙ୍ଗାରେ ଇଲିଶି ଆସୁଛି। କିଏ ୨୦ କେଜି ତ କେହି ୧୦୦ କେଜି ମାଛ ଆଣୁଛନ୍ତି। ତାକୁ ଖୋଲାବଜାର ବ୍ୟବସାୟୀମାନେ ଅଧିକ ମୂଲ୍ୟରେ କିଣି ନେଇ ବଡ ସହରରେ ବିକୁଛନ୍ତି। ଯଦ୍ଦ୍ୱାରା ସାଧାରଣ ଖାଉଟି ଇଲିଶି କିଣିବା ପାଇଁ ଅସମର୍ଥ । ଚଳିତ ସପ୍ତାହରେ ପ୍ରାୟତଃ ଇଲିଶି ଗ୍ରାମ୍ ହିସାବରେ ବିକ୍ରି ହେଉଛି। ୧୦୦ରୁ ୩୦୦ ଗ୍ରାମ୍ ଓଜନବିଶିଷ୍ଟ ମାଛର ମୂଲ୍ୟ କେଜି ପିଛା ୩୦୦ରୁ ୪୦୦ ଟଙ୍କା ଲେଖାଏ ବିକ୍ରି ହେଉଛି। ୫୦୦ ଗ୍ରାମରୁ ଅଧିକ ମାଛର ମୂଲ୍ୟ ୭୦୦ରୁ ୮୦୦ ଟଙ୍କା। କେଜିଏରୁ ଅଧିକ ଓଜନ ମାଛର ମୂଲ୍ୟ ୧୬୦୦ ରୁ ୧୮୦୦ ଟଙ୍କା ରହିଥିଲା। ମାଛ ଉତ୍ପାଦନ ହ୍ରାସ ପ୍ରସଙ୍ଗରେ ପାରମ୍ପରିକ ସାମୁଦ୍ରିକ ମତ୍ସ୍ୟଜୀବୀ ଟି. ବି. ରାମଣା କୁହନ୍ତି, ଏବେ ପ୍ରାୟ ସବୁ ନଦୀର ପ୍ରଦୂଷିତ ପାଣି ସମୁଦ୍ରରେ ମିଶୁଛି। ବଡ ବଡ ନଦୀ ମଧ୍ୟରେ ଏକାଧିକ ଆନିକଟ ହୋଇଗଲାଣି। ଯେଉଁଥିପାଇଁ ଏହି ମାଛ ସ୍ୱାଭାବିକ ପ୍ରଜନନ କରି ପାରୁନାହାନ୍ତି।ଏହି ମାଛର ଜୀବନଚକ୍ର ଅନ୍ୟ ମାଛଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କୁହନ୍ତି। ଏମାନେ ଦଳହୋଇ ଗଭୀର ସମୁଦ୍ରରେ ରହିଥାନ୍ତି। ପ୍ରଜନନ, ଅଣ୍ଡାଦାନ ଏବଂ ଯାଆଁଳ ହେବା ପର୍ଯ୍ୟନ୍ତ ମଧୁରଜଳକୁ ଆସିଥାନ୍ତି। ସାଧାରଣତଃ ଶ୍ରାବଣ, ଭାଦ୍ରବ ମାସରେ ଅଧିକ ବର୍ଷା ହୋଇଥାଏ। ବର୍ଷାପାଣି କିମ୍ବା ବନ୍ୟା ପାଣି ଯେତେବେଳେ ସମୁଦ୍ରରେ ମିଶେ ସେମାନେ ଦଳହୋଇ ମୁହାଣ ଦେଇ ନଦୀ ଭିତରକୁ ଆସିଥାନ୍ତି। ଆସିବା ବେଳେ ତୀକ୍ଷ୍ଣ ଗତିଥାଏ। ନଦୀ ମଧ୍ୟରେ ମିଳନ, ଅଣ୍ଡାଦାନ କରିଥାନ୍ତି। ସେହି ଅଣ୍ଡା ସବୁ ନଦୀ ସମୁଦ୍ର ସଂଲଗ୍ନ ହେନ୍ତାଳବଣ ଢେଉରେ ଫାଟିଥାଏ। ସେହିଠାରେ ଶାବକ ହୋଇ ମଧୁରଜଳକୁ ଯାଇଥାନ୍ତି। ପ୍ରାୟ ୩୦ –୪୦ ଗ୍ରାମ୍ ଭଳି ହୋଇଗଲେ ଗଭୀର ସମୁଦ୍ରକୁ ଚାଲିଯା'ନ୍ତି। ନଦୀଗୁଡିକ ମୁକ୍ତ ଥିଲେ ସେମାନେ ନଦୀର ଆରମ୍ଭ ଅର୍ଥାତ୍ ପାହାଡ ପାଦଦେଶ ପର୍ଯ୍ୟନ୍ତ ଯାଇଥା'ନ୍ତି। ଏବେ ନଦୀ ପାଣି ଦୂଷିତ ରହିବା, ସମୁଦ୍ରରେ କୋଳାହଳପୂର୍ଣ୍ଣ ପରିବେଶ, ନଦୀରେ ଆନିକଟ ଆଦି କାରଣ ପାଇଁ ସେମାନଙ୍କ ଯାତାୟାତ ଓ ପ୍ରଜନନ ଠିକ୍‌ଭାବେ ହୋଇ ପାରୁନାହିଁ। ଏହି ମାଛର ଚାହିଦା ସମ୍ପର୍କରେ କଳ୍ପତରୁ ମନ୍ତ୍ରୀ କୁହନ୍ତି, ଏହା ସ୍ୱାଦିଷ୍ଟ। ଏଥିରେ ଓମେଗା ଭଳି ଶକ୍ତି ବର୍ଦ୍ଧକ ପ୍ରୋଟିନ ଅଛି। ଇଲିଶି ବର୍ଷାଦିନେ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। କ୍ୟାଲସିୟମ ଅଧିକ ଥାଏ। କେତେଜଣ ଶୁଖୁଆ କରି ବର୍ଷ ତମାମ ଖାଇଥା'ନ୍ତି। ଓଡିଶା ଓ ପଶ୍ଚିମବଙ୍ଗ ଅଞ୍ଚଳରେ ଏହି ମାଛକୁ ସୁନାଇଲିଶି କହିଥାନ୍ତି।।

**–ବନବିହାରୀ ବେହେରା**

**ଅଶୋକ କୁମାର ପଣ୍ଡା, ନରେଶ ପଟ୍ଟନାୟକ, ଶରତ କୁମାର ରାଉତ**



# ସିଏ ଥିଲେ ସାଥିରେ ସବୁ ଲାଗେ ଖାସ୍

**ଖୁବ୍ କମ୍ ବୟସରୁ ସେ ଆସିଥିଲେ ଆଲବମ୍ ଜଗତକୁ। ତା'ପରେ ଆଙ୍କରିଂରେ ମଚେଇଲେ ଧମାଲ୍। ପରେ ପୁଣି ବଡ଼ପରଦାରେ ଦେଖେଇଲେ ନିଜର ଜଲ୍‌ୱା। ଏହି ଆଙ୍କର୍ କମ୍ ଅଭିନେତ୍ରୀ ଜଣକ ହେଉଛନ୍ତି ସମସ୍ତଙ୍କର ପ୍ରିୟ ଏଲି ପାଢ଼ୀ...**



### ଆରମ୍ଭ ଆଲବମ୍‌ରୁ

ମା'ଙ୍କ ଠାରୁ ନାଚ ଶିଖିଥିଲି। ଆଉ ସେଇ ନାଚ ହିଁ ମୋତେ ଓଲିଉଡ ଇଣ୍ଡିଷ୍ଟ୍ରୀକୁ ବାଟ କଢ଼େଇ ନେଇଥିଲା। ପ୍ରଥମେ ଆଲବମ୍। ତା'ପରେ ଆଙ୍କରିଂ ଓ ପରେ ଚଳଚ୍ଚିତ୍ରରେ କାମ କଲି। ପ୍ରଥମ ଚଳଚ୍ଚିତ୍ର ଏଇ ମିଳନ ଯୁଗ ଯୁଗର, ପ୍ରଥମ ଆଲ୍‌ବମ୍ ଥିଲା 'ତାଜା ଖବର'।

### ଅଭିନୟ ଓ ଆଙ୍କରିଂ

ଜଣେ କଳାକାରଭାବେ ମୋତେ ସବୁ କରିବାକୁ ଭଲ ଲାଗେ। ତେବେ ତାହା ଆଙ୍କରିଂ ହେଉ କି ଅଭିନୟ ।

### ଅବସରରେ

ଅବସର ସମୟରେ କିଛି ନୂଆ ଶିଖିବାକୁ ପସନ୍ଦ କରେ, ଯେମିତିକି ଫଟୋ ଏଡିଟିଂ ଶିଖିବା, ୟୁଟ୍ୟୁବ୍‌ରେ ନୂଆ ଟେକ୍‌ନିକ୍ ବ୍ୟବହାର କରି ପ୍ରସ୍ତୁତ ହେଉଥିବା ଭିଡିଓ ଦେଖିବା। ଏବେ ଗିଟାର ବି ଶିଖୁଛି। ତା'ଛଡା ମମିଙ୍କ ସହ ଫୋନ୍‌ରେ ଗପିବା ମୋତେ ସବୁଠୁ ବେଶି ଭଲ ଲାଗେ।

### ଖାଇବା ପସନ୍ଦ

ଚିକେନ୍ ବହୁତ ପସନ୍ଦ। ଖାସ୍‌କରି ମମିଙ୍କ ହାତ ତିଆରି ଚିକେନ୍ ମୋର ଭାରି ପ୍ରିୟ। ହେଲେ ମିଠା, ଖଟା ଜମାରୁ ପସନ୍ଦ ନୁହେଁ।

### ସ୍ୱାମୀଙ୍କୁ ପସନ୍ଦ ମୋ ରୋଷେଇ

ମୁଁ ବହୁତ ଭଲ ରୋଷେଇ କରେ। ତା'ଛଡା ସ୍ୱାମୀ ମୋର ବେଶ୍ ସ୍ୱାସ୍ଥ୍ୟ ସଚେତନ। ସେଥିପାଇଁ ମୁଁ ତିଆରି କରୁଥିବା କମ୍ ତେଲ ମସଲାର ଖାଦ୍ୟ ତାଙ୍କୁ ଭଲ ଲାଗେ। ଆଉ ତାଙ୍କ ଡିମାଣ୍ଡ ଅନୁସାରେ ରାନ୍ଧି ଖୁଆଇବାରେ ମୋତେ ଆନନ୍ଦ ମିଳେ।

### ଜାଣି ନ ଥିଲି ସେ ହେବେ ମୋ ଜୀବନ ସାଥୀ

ଆମେ ଦୁହେଁ ଗୋଟିଏ ସ୍ଥାନର। ଆଗରୁ ପରସ୍ପରକୁ ଚିହ୍ନିଥିଲୁ, ଜାଣିଥିଲୁ ମଧ୍ୟ। ହେଲେ ମୁଁ ଜାଣି ନ ଥିଲି ଯେ ସେଇ ଚିହ୍ନା ପିଲାଟି ମୋର ସ୍ୱାମୀ ହେବେ। ଜାଣିଥିଲେ ହୁଏତ କେବେ ଭାବି ନ ଥାନ୍ତି ଯେ, ମୋ ମନର ମଣିଷ କେମିତି ହୋଇଥିବେ ବୋଲି।

### ରାଗି ଥିଲି, ଏବେ ନୁହେଁ

ମୁଁ ଆଗରୁ ବହୁତ ରାଗି ଥିଲି। ହେଲେ ବାହାଘର ପରେ ସ୍ୱାମୀଙ୍କ ରାଗ ଦେଖି ମୁଁ ମୋ ରାଗକୁ ନିୟନ୍ତ୍ରଣରେ ରଖିବା ଶିଖିଗଲି। ଭାବିଲି ଦୁହେଁ ଯଦି ରାଗିବୁ ତା'ହେଲେ ସବୁଦିନ ଝଗଡ଼ା ହିଁ ହେବ।

### ବୁଲାବୁଲି ପସନ୍ଦ

ବୁଲାବୁଲି ମୋତେ ବହୁତ ପସନ୍ଦ। ଆଉ ସ୍ୱାମୀ ସାଥିରେ ଥିଲେ ଛୋଟିଆ ଜାଗା ବି ମୋତେ ସ୍ପେଶାଲ ଲାଗେ।

### ଡେଲି ରୁଟିନ୍

ସକାଳ ୫.୩୦ରୁ ୬ଟା ଭିତରେ ଉଠିଯାଏ। ଘରେ ଯୋଗ, ଏକ୍ସରସାଇଜ୍ ଓ ଜୁମ୍ବା କରେ। ୯.୩୦ରେ କାମକୁ ବାହାରିଯାଏ। ଲେଟ୍ ନାଇଟ୍ ଶୁଟିଂକୁ ଏବେ ଆଭଏଡ୍ କରୁଛି। ରାତିରେ ସବୁବେଳେ ଜଲ୍‌ଦି ଖାଇ ଜଲ୍‌ଦି ଶୋଇବାକୁ ଚେଷ୍ଟା କରେ।

### ଫ୍ୟୁଚର ପ୍ଲାନିଂ କରେନି

କୋଭିଡ୍‌ରେ ଅନେକ ପ୍ରିୟ ଲୋକଙ୍କୁ ଆଖି ସାମ୍‌ନାରେ ଯିବାର ଦେଖିବା ପରଠାରୁ ଭବିଷ୍ୟତ ପାଇଁ ପ୍ଲାନିଂ କରିବା ମୁଁ ଛାଡିଦେଇଛି। ଭବିଷ୍ୟତ ଅନିଶ୍ଚିତ। ଯାହା ଭାଗ୍ୟରେ ଅଛି ତାହା ହିଁ ହେବ। ତେଣୁ ପ୍ଲାନିଂର ଆବଶ୍ୟକତା ନାହିଁ ବୋଲି ମୁଁ ମନେକରେ।

**-ଶିବାନୀ ମହାନ୍ତି**

## ପସନ୍ଦ ନୁହେଁ ମେକ୍‌ଅପ୍ ହେବା

ଗହଣାର ସଉକ ନାହିଁ କି ସଜେଇ ହେବା ମୋତେ ପସନ୍ଦ ନୁହେଁ। ମେକ୍‌ଅପ୍ କରିବାକୁ ତ ଜମାରୁ ଭଲ ଲାଗେନି। ଏଇ ଇଣ୍ଡଷ୍ଟ୍ରିରେ ମୋର ପ୍ରାୟ ୨୨ ବର୍ଷ ହୋଇଗଲାଣି। ୫ମ-୬ଷ୍ଠ ଶ୍ରେଣୀରୁ ଆଲବମ୍ କରିବା ଆରମ୍ଭ କରିଥିଲି। ଏତେ ବର୍ଷ ଧରି ମେକ୍‌ଅପ୍ ନେଇ ନେଇ ବିରକ୍ତ ହୋଇଗଲିଣି। ତେଣୁ ଘରେ ଥିଲେ ଅବା ବାହାରକୁ ଗଲେ ମୁଁ ଜମାରୁ ମେକ୍‌ଅପ୍ ନେଇ ନ ଥାଏ।










# କଳା କୁଶଳୀ ନିକୁଞ୍ଜ ବିହାରୀ












ଯେକୌଣସି କଳା ରୂପରେ ନିଜ ମାଟିର ସୁଗନ୍ଧ ରହିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସେ ହେଉଛି ଯଥାର୍ଥ ଶିଳ୍ପୀ ଯାହାର ମୌଳିକତା ସ୍ୱଭୂମିରୁ ବିକଶିତ ହୋଇଥାଏ । ଏହି ଦୃଷ୍ଟିକୋଣରୁ ନିକୁଞ୍ଜ ବିହାରୀ ଦାସଙ୍କ କଳା ଭାରତୀୟତାର ଆଧାରରୁ ଉଦ୍ଭୁତ । ମହାଭାରତୀୟ ସଂସ୍କୃତି ଓ ସଭ୍ୟତାର ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱ ତାଙ୍କ କଳାର ନେପଥ୍ୟରେ ଥାଇ ତାକୁ ଦିଏ ବିଶେଷ ଗରିମା । କେବଳ ସେତିକି ନୁହେଁ କଳା ଓ କଳାକାରଙ୍କ ଦୁନିଆକୁ ଗଢ଼ିବା ଲାଗି ଆପଣା ଶ୍ରମ, ନିଷ୍ଠା ଓ ତ୍ୟାଗର ପୁଟ ମାରି ସେ ନିଜ ମାଟିରେ ତିଆରି କରେଇଛନ୍ତି ଫକୀରମୋହନ ଆର୍ଟିଷ୍ଟିକ କ୍ରାଫ୍ଟସ ସ୍କୁଲ ଏବଂ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ। ଚିତ୍ର ଆଙ୍କୁଥିବା ପ୍ରତିଟି ବାଲେଶ୍ୱରବାସୀ ନିକୁଞ୍ଜ ବିହାରୀଙ୍କୁ ଚିହ୍ନନ୍ତି, ମାନନ୍ତି, ଭଲପାଆନ୍ତି ଏବଂ ଗର୍ବ କରନ୍ତି । ପ୍ରତିଭାବାନ ଏବଂ ଖ୍ୟାତିସମ୍ପନ୍ନ ଯୁବ କଳାକାରଙ୍କୁ ନେଇ ସ୍ୱପ୍ନ ଦେଖନ୍ତି ସେ । ମାର୍ଗଦର୍ଶକ ସାଜି କେତେବେଳେ କ୍ୟାମ୍ପରେ ତ କେତେବେଳେ ସମୂହ କଳା ପ୍ରଦର୍ଶନୀରେ ସେମାନଙ୍କ କାନ୍ଧରେ କାନ୍ଧ ମିଳେଇ କାମ କରନ୍ତି । ତାଙ୍କ ଅନୁଷ୍ଠାନ ବ୍ୟତିରେକ ବାହାର ଅନୁଷ୍ଠାନଗୁଡ଼ିକରେ ପାଠ ପଢିବାକୁ ଚାହୁଁଥିବା ମେଧାବୀ ଅଥଚ ଆର୍ଥିକ ସ୍ତରରେ ଅନୁନ୍ନତ ଶିକ୍ଷାର୍ଥୀମାନଙ୍କୁ ନିକୁଞ୍ଜ ବିହାରୀ ଉଭୟ ଶୈକ୍ଷିକ ଏବଂ ଆତ୍ମିକ ସହାୟତା ବଢ଼େଇଦେଇ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାନ୍ତି। ପ୍ରତିଭା ଓ ପରିଶ୍ରମକୁ ନେଇ ସଫଳତାର ରାସ୍ତା କେମିତି ଚାଲି ହୁଏ ଏବଂ ନିଜକୁ ଗୋଟେ ମାଇଲଖୁଣ୍ଟରେ କେମିତି ରୂପାନ୍ତରିତ କରେଇ ଅନ୍ୟମାନଙ୍କ ରାସ୍ତା ପାଇଁ କିଭଳି ଦିଗ ନିର୍ଦ୍ଦେଶ କରେଇ ହୁଏ ତା'ର ଏକ ଉଜ୍ଜ୍ୱଳ ଉଦାହରଣ ନିକୁଞ୍ଜ ବିହାରୀ ଦାସ।



ମେ ୫, ୧୯୬୯ରେ ବାଲେଶ୍ୱରର ଇତିହାସ ଖ୍ୟାତ ଇଞ୍ଚୁଡ଼ିଠାରେ ଜନ୍ମଗ୍ରହଣ କରନ୍ତି ନିକୁଞ୍ଜ ବିହାରୀ। ଚିତ୍ରକଳା ପ୍ରତି ଆଗ୍ରହୀ ହୋଇ ଓଡ଼ିଶା ଭଳି ରାଜ୍ୟରେ ଯେଉଁଠି ଚିତ୍ରକଳାକୁ କ୍ୟାରିଅର କରିବାକୁ ଲୋକେ ପାଗଳାମି ବୁଝନ୍ତି, ସେଇଠି ଖଲ୍ଲିକୋଟରେ ଥିବା ସରକାରୀ କଳା ମହାବିଦ୍ୟାଳୟରେ ଫାଇନ ଆର୍ଟ୍ସରେ ସ୍ନାତକ କଲେ। ପୁନଶ୍ଚ ବାରାଣସୀର ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠରେ ସ୍ନାତକୋତର ହାସଲ କରି ନିଜ ଚିତ୍ରକର ଦୁନିଆକୁ ସୂକ୍ଷ୍ମତା ଓ ସୁକୁମାରତାର ସହ ନିର୍ମାଣ କରି ନିଜ ଅଞ୍ଚଳରେ ଚିତ୍ର ପାଇଁ ସମ୍ମାନ ଓ ଆଗ୍ରହ ତିଆରି କରେଇଥିଲେ। ରାଜ୍ୟସ୍ତରୀୟ ସମ୍ମାନ ଓ ପୁରସ୍କାରର ପର୍ବ ଆରମ୍ଭ ହୁଏ ନିକୁଞ୍ଜ ବିହାରୀଙ୍କର ୧୯୮୯ରୁ ଖଲ୍ଲିକୋଟ କଲେଜରେ ପଢୁଥିଲାବେଳେ ବାର୍ଷିକ କଳା ପ୍ରଦର୍ଶନୀରେ । ପରେ ପରେ ଭାରତୀୟ ଚିତ୍ରକଳା ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ ପାଇଁ ୧୯୯୩ରେ, ୨୦୦୨ରେ ସି.ଏସ୍.ଏ.ସି.ବାରିପଦା, ପୁଣେର ତିଳକ ସ୍ମାରକ ଟ୍ରଷ୍ଟ ଆନୁକୂଲ୍ୟରେ କଳା ପ୍ରଦର୍ଶନୀ, ୨୦୦୩ରେ ନାଗପୁର ଗଭର୍ନମେଣ୍ଟ ଆୟୋଜିତ ଏସ୍.ସି.ଜେଡ୍.ସି.ଇ. ସଂସ୍ଥା, ଅମୃତସରରେ ଇଣ୍ଡିଆନ ଏକାଡେମୀ ଅଫ ଫାଇନ ଆର୍ଟ୍ସ, ୨୦୦୪ରେ ଧାନବାଦରୁ, ୨୦୦୬ରେ ଓଡ଼ିଶାର ଲଳିତ କଳା ଏକାଡେମୀ ତରଫରୁ, ହରଦ୍ୱାରରେ ୨୦୧୭ରେ ଅଲ୍ ଇଣ୍ଡିଆ କଣ୍ଟେମ୍ପୋରାରି ଆର୍ଟ ପ୍ରଦର୍ଶନୀ ଦ୍ୱାରା ନିଜର ସ୍ୱତନ୍ତ୍ର ଶୈଳୀରେ ଅଙ୍କିତ ଭାରତୀୟ ଚିତ୍ରକଳା ବା ପାରମ୍ପରିକ ଚିତ୍ରକଳା ପାଇଁ ନିକୁଞ୍ଜ ବିହାରୀ ବିଶେଷ ଭାବରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ପ୍ରତିଭା ସ୍ମୃତି ପରିଷଦ ବାଲେଶ୍ୱର ତରଫରୁ ପ୍ରତିଭା ସମ୍ମାନ, ଫକୀର ମୋହନ ସାହିତ୍ୟ ପରିଷଦ ତରଫରୁ ଉଦୟ ଜେନା ସ୍ମୃତି ସମ୍ମାନ, କଳାଶ୍ରୀ ସମ୍ମାନ, ଚାରୁକଳା ସମ୍ମାନ, ନୂଆଦିଲ୍ଲୀର ଅବନ୍ତିକା ସଂସ୍ଥା ତରଫରୁ ରାଷ୍ଟ୍ରୀୟ ସଦ୍‌ଭାବନା ସମ୍ମାନ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ଭୁବନେଶ୍ୱର ତରଫରୁ ଶିଳ୍ପୀ ସମ୍ରାଟ ସମ୍ମାନ, ଚିତ୍ରକଳା ସମ୍ମାନ, ଶିଳ୍ପୀ ସମ୍ମାନ ଭଳି ସମ୍ମାନପ୍ରାପ୍ତ ନିକୁଞ୍ଜ ବିହାରୀ ବିଶିଷ୍ଟ ଚିତ୍ରନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆରେ ଆମ ଓଡ଼ିଶା ନବବର୍ଷ ଉପଲକ୍ଷେ ସମ୍ବର୍ଦ୍ଧିତ ହୋଇଛନ୍ତି ।

ସହର, ଜିଲା, ରାଜ୍ୟ ଭିତରେ ଦଳଗତ କଳା ପ୍ରଦର୍ଶନୀରେ ଭାଗ ନେବା ସଙ୍ଗେ ସଙ୍ଗେ ନିକୁଞ୍ଜ କିଶୋର ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭାଗ ନେଇ ନିଜ ପାଇଁ ତଥା ନିଜ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ବାଲେଶ୍ୱରରୁ ବାରାଣସୀ, ଯୋଧପୁରରୁ ଜର୍ମାନୀ ଯାଏ ତାଙ୍କର କଳା ବିଭିନ୍ନ କଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଛି । ଏତଦ୍‌ବ୍ୟତୀତ ଦୁଇ ଦୁଇ ଥର ଏକକ କଳା ପ୍ରଦର୍ଶନୀ କରି ସେ ତାଙ୍କ ଶିଳ୍ପୀର ପଥକୁ ସୁଗମ କରିଛନ୍ତି । ତାଙ୍କର ବ୍ୟକ୍ତିଗତ କୃତିଗୁଡ଼ିକ ଭାରତରେ ଏବଂ ଭାରତ ବାହାରେ ଯେମିତି କି ଆମେରିକା, ଲଣ୍ଡନ, ଥାଇଲାଣ୍ଡ, ଜର୍ମାନୀ ଆଦି ରାଷ୍ଟ୍ରର ବିଭିନ୍ନ ଆର୍ଟ ଗ୍ୟାଲେରିର ଶୋଭା ବର୍ଦ୍ଧନ କରିବା ସଙ୍ଗେ ସଙ୍ଗେ ଭାରତୀୟ କଳା ଏବଂ ପରମ୍ପରାର କାହାଣୀ ସେହି ଦେଶର ଲୋକଙ୍କୁ ଶୁଣାଇ ଆସୁଛି। ତାଙ୍କ ଲିଖିତ ପୁସ୍ତକ "ଭାରତୀୟ କଳା", ଭାରତୀୟ କଳା ଆଣ୍ଡ ବିୟୁଟି ପାରମ୍ପରିକ ଚିତ୍ରକଳାର ଅନେକ ଦିଗକୁ ଉନ୍ମୋଚିତ କରିବାରେ ଚିତ୍ରକର ଏବଂ କଳାପ୍ରେମୀଙ୍କ ପାଇଁ ସହାୟକ ସାବ୍ୟସ୍ତ ହୋଇଛି। କଳା କ୍ଷେତ୍ରରେ ନିକୁଞ୍ଜ ବିହାରୀ ଦୀର୍ଘ ପଥର ପାନ୍ଥ । ତାଙ୍କ କଳାର ମୂଲ୍ୟାୟନ ବିଦଗ୍ଧ କଳା ରସିକମାନେ କରୁଛନ୍ତି ଓ ଆଗକୁ ମଧ୍ୟ କରିବେ । ତାଙ୍କ କଳାକୃତିର ପ୍ରଚାର ଓ ପ୍ରସାର ଆହୁରି ବ୍ୟାପକ ହେବା ଆବଶ୍ୟକ । ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ତାଙ୍କର କଳାର ପ୍ରସାର ପାଇଁ ପୃଷ୍ଠପୋଷକତା ମଧ୍ୟ ଜରୁରୀ ।

-ମାନମୟୀ ରଥ
ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ ମୋ: ୭୯୭୮୫୬୭୩୯୯



# ମିଛ

**-ମନୋଜ ଦାସ**



ଜିନାର ବାହାଘରକୁ ମାସେ ପୂରିଲା । ଜିନା ଓ ତା'ର ସ୍ୱାମୀ ସୋମେଶ ଯୋଜନା କଲେ ତାଙ୍କର ବିବାହ ମାସିକିଆ ପାଳନ କରିବେ। କାରଣ ଜିନା ତା' ବାହାଘରକୁ ନେଇ ଏତେ ଖୁସି ଥିଲା ଯେ, ବର୍ଷେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ତାର ଧୈର୍ଯ୍ୟ ନଥିଲା। ଖୁସି କାହିଁକି ନ ହେବ ସେ ଯେମିତି ଚାହୁଁଥିଲା ସେମିତି ହିଁ ହେଲା । ଏତେ ସୁଠାମ ସୁନ୍ଦର ସ୍ୱାମୀ, କାର ଥିବା ବଡ଼ ଚାକିରୀ, ରାଜଧାନୀରେ ଫ୍ଲାଟ । ଆଉ କ'ଣ ଦରକାର ଗୋଟେ ଝିଅକୁ? ଫେସବୁକରୁ ଉଭୟଙ୍କ ପ୍ରେମ । ତିନି ମାସ ପରେ ବିବାହ । ଭଲ ପାଇବା ସମୟରେ ଯେତିକି ଜାଣିପାରିଥିଲା ସୋମେଶକୁ, ତା' ଠାରୁ ବହୁତ ଅଧିକ ପାଇଲା ସେ । ସୋମେଶଙ୍କ ଯେତେ ପ୍ରଶଂସା କଲେ ବି ଶବ୍ଦ ନିଅଣ୍ଟ ପଡିବ । ଜଣେ ମଣିଷ ଏତେ ଭଲ କେମିତି ହେଇପାରିବ, ଭାବି ପାରୁନଥିଲା ସେ । ଯେବେ ସେ ସୋମେଶ ବିଷୟରେ ସାଙ୍ଗ ସାଥୀ ପରିବାର ଲୋକଙ୍କ ପାଖରେ ବଖାଣୁଥିଲା ସମସ୍ତେ ତାକୁ କହୁଥିଲେ, ଆରେ ବାହାଘର ପୂର୍ବରୁ ସମସ୍ତେ ଭଲ ହେଇଥାନ୍ତି। ବାହାଘର ପରେ ବଦଳି ଯାଆନ୍ତି। ହେଲେ ସୋମେଶ ତ ବାହାଘର ପରେ ବେଶି ବେଶି ଯତ୍ନ ନେଉଥିଲେ। ଝିଅ ଜିନାର ଖୁସିରେ ବାପା ଜମି ବିକି ଜୋଇଁ ପାଇଁ ସୁନା ଚେନ, ମୁଦି, ବୁଟ ସୁଟ କିଣି ଦେଇ ଆସୁଥିଲେ। ବାହାଘର ବେଳେ ଜିନା ଯାହା ସର୍ତ୍ତ ରଖୁଥିଲା ତାକୁ ଖୁସି ଖୁସି ମାନୁଥିଲା ସୋମେଶ। ସେମାନଙ୍କ ନିର୍ବନ୍ଧଠୁ ଆରମ୍ଭ କରି ବାହାଘର ପର୍ଯ୍ୟନ୍ତ ଜିନା ଯେମିତି ଚାହିଁ ଥିଲା ସେମିତି କରିଥିଲା ସୋମେଶ। ଏପରିକି ଜିନା ବାହା ହେଇ ଶାଶୁଘରକୁ ଯିବାକୁ ଚାହୁଁ ନଥିଲା। ମଣ୍ଡପରେ ବାହାଘର ଭୋଜି ପରେ ସେଠୁ ସିଧା ଭୁବନେଶ୍ୱରର ଫ୍ଲାଟ। ଜିନା ଚାହୁଁ ନ ଥିଲା ତା ଅତୀତର ଘଟଣା ଯେପରିକି ପୁରୁଣା ପ୍ରେମ, ତାର ଆବର୍ଶନ, ଗାଁ ସଭାରେ ବାପାଙ୍କ ବେଇଜ୍ଜତି ବିଷୟରେ ସୋମେଶ କି ତାଙ୍କ ପରିବାରର କେହି ସୁରାକ ପାଅନ୍ତୁ । ସେଇଆ ହିଁ ହେଇଛି । ଏତେ ବଡ଼ ଖୁସିକୁ ସେଲିବ୍ରେସନ କରିବାକୁ ବର୍ଷେ ଅପେକ୍ଷା କରିବାକୁ ତାର ଧୈର୍ଯ୍ୟ ନ ଥିଲା। ସେ ସେଲିବ୍ରେସନ କରି ଫେସବୁକରେ ଫଟୋ ଅପଡେଟ କରି ସାଙ୍ଗମାନଙ୍କୁ ନିଶ୍ଚୟ ଜଳେଇବ। ଖୁବ ଧୁମ୍ ଧାମ୍‌ରେ ଆୟୋଜନ ହେଲା ବିବାହ ମାସିକୀ । ଜିନା ତା' ସାଙ୍ଗ, ପରିବାର ଯେଉଁମାନେ ବାହାଘରରେ ସାମିଲ ହୋଇ ନ ଥିଲେ ସେମାନଙ୍କୁ ନିମନ୍ତ୍ରଣ ଦେଇ ଡାକିଥାଏ । ଏତିକି ବେଳେ ଉତ୍ସବ ଭିତରକୁ ପୋଲିସ ପଶିଲେ ସାଙ୍ଗରେ ଜଣେ ସ୍ତ୍ରୀ ଲୋକକୁ ଧରି । କୋଳରେ ତା'ର ପିଲାଟିଏ । ପୋଲିସ ସୋମେଶକୁ ଗିରଫ କଲା । ଜିନା ମୁଣ୍ଡ କାମ କରୁ ନ ଥିଲା। ପୋଲିସ ଜିନାର ପରିବାରକୁ ବୁଝାଉଥିଲା କିଛି ଦୃଢ଼ ପ୍ରମାଣ ସହ। ଏ ଲୋକ ଗୋଟେ ଠକ, ମିଛୁଆ। ଏମିତି ଅନେକ ଝିଅଙ୍କ ସାଙ୍ଗରେ କରିଛି। ତାର ଚାକିରୀ, ଗାଡି, ଫ୍ଲାଟ ସବୁ ମିଛ। ଝିଅଙ୍କୁ ବର୍ଷେ ଦିବର୍ଷ ଭକୁଆ ବନେଇ ଶୋଷଣ କରିବାକୁ ।

*-ନନ୍ଦ ସାହି , ବାଲିପୁଟ , ପୁରୀ, ମୋ: ୭୯୭୮୪୯୪୯୦୪*

# ପ୍ରିୟମ୍ବଦାର ଚିଠି

**– ତପନ କୁମାର ପଣ୍ଡା**

କୌଣସି ସକାଳର
ପ୍ରଥମ କିରଣ ଅବା
ପୁଲକରେ ମୁଦି ହେଇଯାଉଥିବା
ଫୁଲର ପାଖୁଡାମାନେ
କେବେ ପ୍ରିୟମ୍ବଦାର ଚିଠି
ହେଇ ଆସିନଥିଲେ,
ମୋର ଅସୀମ ଧୈର୍ଯ୍ୟ ଥାକଥାକ
ଭୁଷୁଡି ପଡୁଥିବା ସମୟର ବାଲିକାନ୍ଥକୁ,
ମୋର ଅଶେଷ ଅପେକ୍ଷା ତା'ର ଚିଠିକୁ ।
ପ୍ରିୟମ୍ବଦା କେବେ ବି ପଠେଇ
ନଥିଲା ପକ୍ଷୀଚଞ୍ଚୁରେ ଚିଟାଉ,
ତା ସିଧା ରେଶମୀ କେଶରୁ
କେଇଟି ଭାସିଭାସି ଆସି
ଲାଗି ଯାଇନଥିଲା ମୁଁ ରହୁଥିବା
ସହରର କୌଣସି ନଈକୂଳରେ,
ସେ ସୁଗନ୍ଧ ହେଇ ଫାଲଗୁନରେ
ଛୁଇଁ ଯାଉନଥିଲା ମୋ ଦେହ,
ଶ୍ରାବଣରେ ଲୁହସନ୍ଧ୍ୟାର ଓଦାସ୍ପର୍ଶରେ
ଥରେଇ ଦେଉନଥିଲା ମୋ ଛାତିକୁ ।
ମୁଁ ଘଣ୍ଟାକଣ୍ଟାରେ ହିସାବ
କରୁଥିଲି ମୋର ନିଃସଙ୍ଗତା,
ପ୍ରିୟମ୍ବଦା ଆକାଶରେ ମେଘ ଦେଖି
କେବେକେବେ ଲୁଚଉଥିଲା ଲୁହକୁ।
ପ୍ରିୟମ୍ବଦା କେବେ ବି ଗୋଟେ
ପ୍ରେମକାହାଣୀ ଲେଖିନଥିଲା
ତା'ର କବିତାରେ,
ମୁଁ ଶୁଣିପାରିଲା ଭଳି ପବନ ସ୍ୱରରେ
ଭଲପାଏ ବୋଲି କହିନଥିଲା,
ମୁଁ ଛାଇନିଦରେ ଢୁଳେଇ ଯିବାବେଳେ
ମୋ କପାଳରେ ଚୁମା ଦେଇ ନ ଥିଲା,
କବିତାର ଶେଷ ଧାଡିରେ ଗୋଟେ
ସତ ଓ ଏକମାତ୍ର ଚମତ୍କାର...
ପ୍ରିୟମ୍ବଦା ରକ୍ତ ମନ୍ଦାର ହେଇ ଗୋପନରେ
ଫୁଟୁଥିଲା ମୋ ରକ୍ତରେ ଓ ନଟେଇ
ପରି ଭିଡି ଧରିଥିଲା ମୋ ଜୀବନ ଗୁଡିକୁ।

*-ପୁନେ*
*ମୋ: ୮୮୨୭୨୯୧୫୧୨*

# ମୋ ଗାଁ ଶ୍ରାବଣୀ

**-ଅନୀତା ପାଣି**



ତୁମ ଗାଁ ଆଷାଢ଼ ବାଦଲ ପିଠିରେ
ମୋ ଗାଆଁକୁ ଆସେ ଉଡି,
ମୋ ଗାଆଁର ବିଲ ଗହିରୀ ପ୍ରାନ୍ତର
ତା' ପ୍ରେମରେ ଯାଏ ବୁଡି।
ମୋ ଗାଆଁ ଶ୍ରାବଣୀ ଶାଳବଣ ଶାଢ଼ୀ
ସରାଗେ ପଣତ ଭିଜେ ,
ତୁମ ଗାଁ ନଈରେ ପାଲଟା ପଖାଳି
ବଧୂ ଅନୁପମା ସାଜେ ।
ମୋ ଗାଆଁରେ ଚାନ୍ଦ ମୁହଁ ଲୁଚାଇଲେ
ତୁମ ଗାଆଁ ତାରା ରଷେ,
ମୋ ଘର ଅନ୍ଧାର କରି ନିଶିଗନ୍ଧା
ତୁମ ଗାଁ ପିଣ୍ଡାରେ ବସେ ।
ମୋ ଗାଆଁର ପଥେ ତୁମ ପାଦଚିହ୍ନ
ଜଳଜଳ ହୋଇ ଦିଶେ,
ତୁମ ଗାଁ ଗଡିଆ ମୋ କଇଁର ଘର
ସେଥିରେ ତା' ଲୁହ ମିଶେ ।

*-ସାଉଥ୍ ବଲଣ୍ଡା, ତାଳଚେର,*
*ମୋ: ୮୩୨୭୭୦୫୯୭୦*



ବାଣୀ

# ମାପି ଚୁପି ଚାଲିବେ ବାଣୀ

ବାଣୀ କପୁର ଏବେ ଚୁଜି ହେଲେଣି । କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି । ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସି ବି ଯାଇଛି । ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ସେ । ଏ ସମ୍ପର୍କରେ ବାଣୀ କହନ୍ତି, 'ବର୍ତ୍ତମାନ ମୋ କ୍ୟାରିୟରକୁ ନେଇ ମୁଁ ବେଶ୍ ସିରିୟସ । ଏଣିକି ଦେଖିଚାହିଁ ଫିଲ୍ମ ସାଇନ୍ କରିବି । ତରତର ହୋଇ ଗୁଡାଏ ଫିଲ୍ମ ସାଇନ୍ କଲେ କିଛି ଲାଭ ନାହିଁ ।' ବାଣୀଙ୍କୁ ଯେତେବେଳ ଅବସର ମିଳେ ସେତେବେଳେ ସେ ସିଧା ଚାଲିଯାଆନ୍ତି ନିଜେ ତିଆରି କରିଥିବା ମିନି ଚିଡିଆଖାନାକୁ । ସେଠାରେ ସେ କିଛି କୁକୁର, ବିଲେଇ, ବତକ ଆଦି ପାଳିଛନ୍ତି । 'ପିଲାଟି ଦିନରୁ ପଶୁପକ୍ଷୀଙ୍କ ପ୍ରେମରେ ପଡିଯାଇଥିଲେ ସେ । ଏବେ ସେମାନଙ୍କର ସୁରକ୍ଷା ପାଇଁ କାମ ମଧ୍ୟ କରୁଛନ୍ତି । ଟୁରିଜିମ୍‌ରେ ସେ ବ୍ୟାଚଲର ଡିଗ୍ରୀ ହାସଲ କରିଛନ୍ତି । ମଡେଲିଂ ଦୁନିଆରେ ପାଦ ଦେବା ପୂର୍ବରୁ ତାଙ୍କର ଓଜନ ୭୫ କିଗ୍ରା ଥିଲା । ହେଲେ ମାତ୍ର କେଇଟା ସପ୍ତାହରେ ସେ ପରିଶ୍ରମ କରି ଏହି ଓଜନକୁ କମାଇଥିଲେ ।

# କଟ୍, ଓକେ କହିବେ କଙ୍ଗନା

ପୁଣି ଥରେ ହଟ୍ ସିଟ୍‌ରେ ବସିବେ କଙ୍ଗନା । କଟ୍, ଓକେ କହିବେ । କହିବାର ଅର୍ଥ ହେଉଛି କଙ୍ଗନା ରାଣାୱତ ପୁଣି ଥରେ ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି । ଫିଲ୍ମଟିର ଟାଇଟଲ ରହିଛି 'ଇମରଜେନ୍ସି' । ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି । ଉକ୍ତ ଫିଲ୍ମ ବିଷୟରେ କଙ୍ଗନା କହନ୍ତି, 'କ୍ରିସ ଜଗରଲାମୁଡିଙ୍କ ସହ ମିଳିତ ଭାବରେ ମୁଁ ପ୍ରଥମ ଥର ପାଇଁ ମଣିକର୍ଣ୍ଣିକା : ଦ କୁଇନ୍ ଅଫ ଝାନସୀ'ରେ ନିର୍ଦ୍ଦେଶନା ଦେଇଥିଲି । ସେଥିରୁ ନିର୍ଦ୍ଦେଶନା ବିଷୟରେ ଅନେକ କିଛି ନୂଆ କଥା ଶିଖିଛି । ଏଥର ନିର୍ଦ୍ଦେଶନା ଦେବାକୁ ଯାଉଥିବା ଏହି ଦ୍ୱିତୀୟ ଫିଲ୍ମରେ ମୋତେ ବେଶ୍ ସତର୍କତାର ସହ ଦାୟିତ୍ୱ ସମ୍ପାଦନ କରିବାକୁ ପଡିବ । କାରଣ ଏହା ଏକ ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ । ଏଥିରେ ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ । ହେଲେ ଏଭଳି ରିସ୍କ ମୁଁ ନେବି । କାହିଁକି ନା ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ।' ଏହି ଫିଲ୍ମର ସହ ପ୍ରଯୋଜନା କରିବା ସହ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି କଙ୍ଗନା । ଆସନ୍ତା ବର୍ଷ ମୁକ୍ତିଲାଭ କରିବାକୁ ଥିବା ଏହି ଚିତ୍ରଟିର ପ୍ରଯୋଜନା କରୁଛନ୍ତି ରେନୁ ପିଟ୍ଟି । ତେବେ ଶୁଟିଂ ଆରମ୍ଭ ହେବା ପୂର୍ବରୁ ହିଁ ଏହି ଚଳଚ୍ଚିତ୍ରକୁ ନେଇ ରାଜନୈତିକ ବିବାଦ ଘନେଇଛି । ଦେଖାଯାଉ ଆଗକୁ ଆଉ ସବୁ କ'ଣ ଘଟିବ ।



କଙ୍ଗନା

# ପୁଣି ଥରେ ଶାହରୁଖ-କାଜୋଲ

ଦିନ ଥିଲା, ବଲିଉଡ୍‌ରେ ଶାହରୁଖ-କାଜୋଲଙ୍କ ଯୋଡି ରାଜ୍ କରୁଥିଲା । 'କରନ ଅର୍ଜୁନ', 'ଦିଲ୍‌ୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ', 'ବାଜିଗର', 'କୁଛ କୁଛ ହୋତା ହେ' ଆଦି ଅନେକ ଫିଲ୍ମରେ ଏହି ଯୋଡି ଅଭିନୟ କରି ବେଶ୍ ଲୋକପ୍ରିୟ ହୋଇପାରିଥିଲେ । କିନ୍ତୁ କାଜୋଲଙ୍କ ବିବାହ ପରେ ଦୁହେଁ ବହୁତ କମ୍ ଫିଲ୍ମରେ ଦେଖିବାକୁ ମିଳିଛନ୍ତି । ତେବେ କିଛି ବର୍ଷର ଗ୍ୟାପ୍ ପରେ ଏବେ ପୁଣି ଥରେ ଏହି ଯୋଡିକୁ ଦର୍ଶକ ପରଦା ଉପରେ ଦେଖିବାକୁ ପାଇବେ । ଆଉ ସେହି ସିନେମାର ନିର୍ଦ୍ଦେଶନା ଅଜୟ ଦେବଗନ ଦେବେ ବୋଲି ଏବେ ଚର୍ଚ୍ଚା ହେଉଛି । ତେବେ ଏଥିରେ କେତେ ସତ୍ୟତା ରହିଛି ସେ ନେଇ ଶାହରୁଖ କହନ୍ତି, 'ମୁଁ ମଧ୍ୟ ସେପରି କିଛି ଶୁଣିବାକୁ ପାଉଛି । ହେଲେ ବାସ୍ତବରେ ତାହା କେତେ ସତ ତାହା ମୁଁ ବି ଜାଣିନି । ଯଦି ସେଭଳି କିଛି ହୁଏ ତେବେ ସମୟ ଆସିଲେ ଚିନ୍ତା କରିବି ।'



ଶାହରୁଖ-କାଜୋଲ



ରଣବୀର

# କ'ଣ କରିବେ ରଣବୀର

ରଣବୀର ସିଂ ଏବେ କ'ଣ କରିବେ ଜାଣିପାରୁନାହାନ୍ତି । କଥା କ'ଣ କି ନିକଟରେ ସେ ଏକ ଆକ୍ସନଭିତ୍ତିକ ଫିଲ୍ମ ସାଇନ୍ କରିଛନ୍ତି । ପୁଣି ଏହାର ଟାଇଟଲ ଫାଇନାଲ ହୋଇନାହିଁ । ଏଥିରେ ସେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ଯାଉଛନ୍ତି । ଏପରି ସୁଯୋଗ ବିଷୟରେ ରଣବୀର କହନ୍ତି, 'ସତ କଥା କହିବାକୁ ଗଲେ ଆକ୍ସନଭିତ୍ତିକ ଫିଲ୍ମରେ ଆକ୍ଟିଂ କରିବାର ମଜା ନିଆରା । ହେଲେ ଏଭଳି କାହାଣୀକୁ ନେଇ ଯେଉଁ ଚଳଚ୍ଚିତ୍ରଟି ପ୍ରସ୍ତୁତ ହେଉଛି ତାହାର ଟାଇଟଲ ଫାଇନାଲ ହେବାକୁ ଆଉ ପ୍ରାୟ ଦୁଇ ସପ୍ତାହ ଲାଗିବ । ଏଥିରେ ମୋତେ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ । ତେଣୁ ଏ ନେଇ ଏବେଠାରୁ ପ୍ରସ୍ତୁତ ହେଉଛି ।' ତେବେ ଜାଣନ୍ତି କି ରଣବୀର ଜଣଙ୍କର ଫିଲ୍ମ ଦେଖିବାକୁ କେବେ ବି ମିସ୍ କରିନାହାନ୍ତି । ଆଉ ସେ ହେଉଛନ୍ତି ଗୋବିନ୍ଦା । ଗୋବିନ୍ଦା ହେଉଛନ୍ତି ତାଙ୍କର ପସନ୍ଦୀୟ ଅଭିନେତା । ଏହାଛଡା 'ବ୍ୟାଣ୍ଡ ବାଜା ବାରାତ୍' ପୂର୍ବରୁ ରଣବୀର ଦୁଇଟି ଅଫରକୁ ହାତ ଛଡା କରିଥିଲେ । ଏ ନେଇ ରଣବୀର କହନ୍ତି, 'ସେହି ଫିଲ୍ମ ଦ୍ୱୟର କାହାଣୀ ମୋତେ ପସନ୍ଦ ଆସି ନ ଥିଲା । ଆଉ କାହାଣୀ ଭଲ ନ ଥିଲେ ମୁଁ ସେହି ଚଳଚ୍ଚିତ୍ରକୁ ଗ୍ରହଣ କରି ନ ଥାଏ ।'

# ଅଡୁଆ କରିଛି ଡେଟ୍

ଆଲିଆ ଭଟ୍ଟ ଏବେ ଅନୁତାପ କରୁଛନ୍ତି । କାରଣ ନିକଟରେ ସେ ଦୁଇଟି ଭଲ ଭଲ ଅଫର ହାତଛଡା କରିଛନ୍ତି । ହେଲେ କ'ଣ ପାଇଁ ଜାଣନ୍ତି ? କାରଣ ଏବେ ତାଙ୍କ ହାତରେ ଡେଟ୍ ନାହିଁ । ଯେତିକି ଫିଲ୍ମ ସେ ସାଇନ୍ କରିଛନ୍ତି ତାହାର ଶୁଟିଂ କିପରି ଶୀଘ୍ର ଶେଷ ହେବ ସେ ନେଇ ବ୍ୟସ୍ତ ଅଛନ୍ତି । ଏ ନେଇ ଆଲିଆ କହନ୍ତି, 'ବର୍ତ୍ତମାନ ମୋ ହାତରେ ଡେଟ୍ ନାହିଁ । କାରଣ ଯେତିକି ଫିଲ୍ମ ସାଇନ୍ କରିଛି ତାହାର ଶୁଟିଂ ଶୀଘ୍ର ଶେଷ କରିବା ପରେ ହିଁ ନୂଆ ଫିଲ୍ମ ବିଷୟରେ ଚିନ୍ତା କରିବି । ନିକଟରେ ମୋତେ ଦୁଇଟି ଭଲ ଅଫର ମିଳିଥିଲା । ହେଲେ କ'ଣ କରିବି ? ବାଧ୍ୟ ହୋଇ ଅଫର ଦ୍ୱୟକୁ ହାତଛଡା କରିଛି । ହେଲେ ମୁଁ ବେଶ୍ ଉତ୍ସୁକତାର ସହ ସେପ୍ଟେମ୍ବର ୯କୁ ଅପେକ୍ଷା କରିଛି । କାରଣ ସେହି ଦିନ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର' ରିଲିଜ ହେବ । ଏହି ଫିଲ୍ମକୁ ନେଇ ମୁଁ ବହୁତ ଆଶା ରଖିଛି । କରନ୍ ଜୋହରଙ୍କ ଏହି ବିଗ୍ ବଜେଟ୍ ଫିଲ୍ମରେ ଏଭଳି ମସଲା ରହିଛି ଯେ, ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ମୋର ଦୃଢ଼ ବିଶ୍ୱାସ ଅଛି । ତା'ସହ ଏହି ଚିତ୍ରଟି ବକ୍ସ ଅଫିସରେ ଭଲ ବିଜନେସ କରିବ ବୋଲି ଆଶା ରଖିଛି ।'



ଆଲିଆ

# ଶେଷ ରାତି

'ଶେଷ ରାତି'-ଏଭଳି ଶୀର୍ଷକକୁ ଜଣାପଡୁଛି ଯେ ଏହାର କାହାଣୀରେ ରହସ୍ୟ ରୋମାଞ୍ଚ ଭରି ରହିଛି । ଖାସ୍ କଥା ହେଲା, ଏକ ବାସ୍ତବ ଘଟଣା ଉପରେ ଏହା ପର୍ଯ୍ୟବସିତ । ନିଜ କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଶଶାଙ୍କ ନାୟକ । ଅନାସମିସ୍ ପ୍ରଡକ୍ସନ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ପ୍ରୀତମ ସାହୁ । ଫିଲ୍ମ ବିଷୟରେ ସେ କହନ୍ତି, 'ଏଭଳି ଏକ ରହସ୍ୟଭରା କାହାଣୀକୁ ନେଇ ଚଳଚ୍ଚିତ୍ରଟିଏ ନିର୍ମାଣ କରୁଛି । କାହାଣୀରେ ତ ନିଶ୍ଚୟ ଭିନ୍ନତା ରହିଛି । ଏହି ହରର ଫିଲ୍ମରେ ରୋମାନ୍ସ ଏବଂ ଆକ୍ସନ ମଧ୍ୟ ଦେଖିବାକୁ ମିଳିବ । ଏହାର ନିର୍ମାଣ ସମୟରେ ପ୍ରତିଟି ବିଷୟ ପ୍ରତି ଧ୍ୟାନ ଦିଆଯିବ । ଆଶା ରଖିଛି ଦର୍ଶକ ଆମ ପରିଶ୍ରମ ମୂଲ୍ୟ ବୁଝିବେ ।' 'ଶେଷ ରାତି'ର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଦେବାଶିଷ ପାତ୍ର ଆଉ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ସେୟାର କରୁଛନ୍ତି ରିୟା । ଏମାନଙ୍କ ବ୍ୟତୀତ ଦେବୁ ବ୍ରହ୍ମା, ଉଷସୀ ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ବୀରେନ୍ ମିଶ୍ର, ପିଣ୍ଟୁ ନନ୍ଦ, ଅଭିପ୍ସା ଭଞ୍ଜ, କୁଇନ୍, ଜୀବନବନ୍ଧୁ ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି 'ହେଲା ମତେ ପ୍ରେମ ଜର'ର ନିର୍ଦ୍ଦେଶକ ଅମରେଶ ପତି । ପୁଷ୍ପକ ପରିଡାଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, କୁଳଦୀପ, ଅସୀମା ପଣ୍ଡା ଏବଂ ଆଶୁତୋଷ । ଫିଲ୍ମଟିର ଶୁଟିଂ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।



ଦେବାଶିଷ-ରିୟା

# ଚୋରା ଚାହାଣୀକୁ ଲାଜୁଆ ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ। କ'ଣ କରିବି ?

*–ଦୀପକ ସାହୁ, ବଡବିଲ*

**ଉତ୍ତର :** ଜଣେ ସୁନ୍ଦରୀକୁ ଆପଣ ଅନେକ ଥର ଆଇ ଲଭ୍ ୟୁ କହିସାରିଲେଣି। ହେଲେ କିଛି ଫଳ ମିଳୁନି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯାହା ଜଣାପଡୁଛି ତାହାର ଚୋରା ଚାହାଣୀରେ ପ୍ରେମର ଅସଲ କଥା ଲୁଚି ରହିଛି। 'ଚୋରା ଚାହାଣୀକୁ ଲାଜୁଆ ହସ, ସହଜେ ଫିଟେନା ପ୍ରେମର ଫାଶ।' ଯାହାକୁ ପ୍ରପୋଜ କରିଛନ୍ତି ତାହାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ ହେବ କି ?

*–ପ୍ରମୋଦ ଦାସ, କଟକ*

**ଉତ୍ତର :** ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲ୍କା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*–ତପନ କୁମାର, ବ୍ରହ୍ମପୁର*

**ଉତ୍ତର :** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ବର୍ତ୍ତମାନ ଆପଣଙ୍କ ବନ୍ଧୁର ଧର୍ମପତ୍ନୀ। ପୁଣି ଏପରି ସଂଯୋଗ ଯେ ଏବେ ଆଉ ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଆପଣ ବନ୍ଧୁଙ୍କ ପତ୍ନୀଙ୍କୁ ପ୍ରେମ କରି ଆଗକୁ ଆଗାନ୍ତି ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ତ ? ଯଦି ଆପଣଙ୍କ ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମ୍ନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ଏଭଳି ଭାବନା ଆପଣଙ୍କ ମନରୁ ଯେତେ ଶୀଘ୍ର ପୋଛି ଦେବେ ଆପଣ ସେତେ ଶୀଘ୍ର ଟେନସନ ଫ୍ରି ରହିବେ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ତନ୍ମୟ ରାଉତ, ସୁନାବେଡା*

**ଉତ୍ତର :** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !



ସାଥୀ

## ପ୍ରଥମ ରୋଜଗାର



# ପ୍ରଥମ ଦରମା ମା' ହାତକୁ ଟେକି ଦେଇଥିଲି

**ଭାଷା ବିଜ୍ଞାନୀ ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନକେନ୍ଦ୍ରର ବରିଷ୍ଠ ଗବେଷକ ଦେବାଶିଷ ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ପଞ୍ଚମ ଶ୍ରେଣୀରେ ପଢୁଥିଲି। ବାବା ଚାଲିଗଲେ। ବାବା ତାଙ୍କ ହିନ୍ଦୀ ଭାଷା ଓ ସାହିତ୍ୟର ଗଭୀର ଜ୍ଞାନ ଓ ପ୍ରଚଣ୍ଡ ସ୍ମରଣ ଶକ୍ତି ପାଇଁ ଆମ ଅଞ୍ଚଳରେ ମାଷ୍ଟରଜୀ ଭାବେ ଲୋକପ୍ରିୟ ଥିଲେ। ଆମେ ଯଦିଓ ପୁରୀ ବାସେଳିସାହିର ମୂଳନିବାସୀ ତେବେ ପାରିବାରିକ କାରଣରୁ ପିଲାଦିନୁ ଭୁବନେଶ୍ୱରରେ ରହିଆସୁଛୁ। ବାପା ଚାଲିଗଲା ପରେ ଆମ ତିନି ଭାଇଭଉଣୀଙ୍କର ପିଲାଦିନ ବହୁ ଘାତପ୍ରତିଘାତରେ କଟିଥିଲା। ଆମ ପାଇଁ ଚାକିରି, ରୋଜଗାର, ପଇସା ଏସବୁ ବହୁ ଜରୁରୀ ହୋଇପଡିଥିଲା। ଏଭଳି କ୍ଷେତ୍ରରେ ମା' ନିଜକୁ ଦୃଢ଼ କରି ଆମର ଆଦର୍ଶ ସାଜିଥିଲା। ଆମକୁ ପଢିବାର ସୁଯୋଗ ଦେଇଥିଲା। ଆମ ମୁଣ୍ଡ ଉପରେ ଛତା କି ଛାତ ନାହିଁ ବୋଲି ଭାବିବାକୁ ଦେଇ ନ ଥିଲା ସିଏ। ସେଥିପାଇଁ ମୁଁ ଖୁବ୍ ମନ ଲଗାଇ ପାଠ ପଢୁଥିଲି। ମୋର ଆଜି ବି ମନେଅଛି, ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ପଢି ଯେବେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି ମୋ ମା' ଆଖିରେ ଆନନ୍ଦାଶ୍ରୁ ଆସିଯାଇଥିଲା। ସମୟକ୍ରମେ ଆକାଶବାଣୀ କଟକର 'ଯୁବବାଣୀ' କାର୍ଯ୍ୟକ୍ରମର ଉପସ୍ଥାପକ ପାଇଁ ଅଡିଶନ୍ ଦେଲି। ଅଡିଶନ୍ ଦେଇ ସେଥିରେ ଯୋଗଦେଲି। ପ୍ରଥମ ମାସ ଦରମା ବାବଦେ ୬ଶହ ଟଙ୍କାର ଏକ ଚେକ୍ ପାଇବା ପରେ ମା' ହାତକୁ ତାହା ଟେକି ଦେଇଥିଲି। ସେଦିନ ବି ଖୁସିରେ ମୋ ମା' ଆଖିରେ ଲୁହ ଆସି ଯାଇଥିଲା। ଏତେ ସଂଘର୍ଷ ପରେ ଯେ ଏମିତି ଗୋଟିଏ ପରିଚୟ ପାଇବି ସେକଥା ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି। ବାସ୍ ତା'ପରଠୁ ଆଉ ପଛକୁ ଫେରି ଚାହିଁନି। କ୍ରମେ ସାମାଜିକ ଭାଷା ବିଜ୍ଞାନରେ ସ୍ୱର୍ଣ୍ଣପଦକ ସହ ପାସ୍ କରି ପିଏଚ୍.ଡି. ଡିଗ୍ରୀ ହାସଲ କଲି। ଏହାପରେ ଆମେରିକାନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍ ତରଫରୁ ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ବୌଦ୍ଧ ସାହିତ୍ୟ ସଂସ୍କୃତି ଉପରେ ଗବେଷଣା କରିବାକୁ ବୃତ୍ତି ପାଇ ଭାରତକୁ ଆସିଥିବା ଏରିକ୍ ଖ୍ରୀଷ୍ଟଫର୍ ବ୍ରାଉନ୍ଙ୍କ ଓଡ଼ିଆ ପ୍ରଶିକ୍ଷକ ହେବାର ସୌଭାଗ୍ୟ ମୋତେ ମିଳିଥିଲା। ତା'ପରେ କିଛିଦିନ ପୂର୍ବାଞ୍ଚଳ ଭାଷାକେନ୍ଦ୍ରରେ ଅଣଓଡ଼ିଆ ଶିକ୍ଷକମାନଙ୍କୁ ପଢାଇବାକୁ ଲାଗିଲି। ଏଥିସହିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ସାଇନ୍ସେସ୍‌ରେ ଭାଷା ବିଜ୍ଞାନ ଉପରେ ବୁଝାଇବାକୁ ମଧ୍ୟ ମୋତେ ଦାୟିତ୍ୱ ମିଳିଥିଲା। କେବଳ ସେତିକି ନୁହେଁ କିଛିଦିନ ପାଇଁ ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷାରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟ ଉପରେ ଶିକ୍ଷାଦାନ ଦେଇଥିଲି। ତା'ସହିତ ଢେଙ୍କାନାଳସ୍ଥିତ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେଶନ୍‌କୁ ପ୍ରତିବର୍ଷ ପ୍ରାୟ ଯାଇ ଛାତ୍ରୀଛାତ୍ରଙ୍କୁ ଗଣମାଧ୍ୟମ ଉପରେ ବି ଶିକ୍ଷାଦାନ କରୁଥିଲି। ଏହାଛଡ଼ା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ପାଇଁ ପାଠ୍ୟପୁସ୍ତକ ଲେଖିବା ସଙ୍ଗେସଙ୍ଗେ ସେଠାରେ ପାଠ ମଧ୍ୟ କିଛିଦିନ ପଢାଇଥିଲି। ଏସବୁବାଦ୍ ୟୁନେସ୍କୋ ସହାୟତାରେ ଯେତେବେଳେ ଉତ୍ତର ଆଫ୍ରିକାର ଲିବ୍ୟାସ୍ଥିତ ଓମର ଅଲ୍ ମୁଖ୍ତାର ବିଶ୍ୱବିଦ୍ୟାଳୟରେ ଭାଷା ବିଜ୍ଞାନ ଅଧ୍ୟାପନା ପାଇଁ ସର୍ବଭାରତୀୟ ସ୍ତରରେ ଉତ୍ତୀର୍ଣ୍ଣ ହୋଇ ବିଦେଶ ଗଲି ଆଉ ସେଠାରେ ୮ ବର୍ଷ ରହିଲି, ତା'ପରେ ମୋ ଜୀବନର ଗତିପଥ ବଦଳିଗଲା। ଯଶ, ଖ୍ୟାତି ସାଙ୍ଗକୁ ଭଲ ପାରିଶ୍ରମିକ ବି ମିଳିଲା। କିନ୍ତୁ ଏସବୁ ସତ୍ତ୍ୱେ ବି ସେଦିନର ସେହି କଟକ ଆକାଶବାଣୀରୁ ମିଳିଥିବା ପ୍ରଥମ ୬ଶହ ଟଙ୍କାର ଚେକ୍‌ଟି ଆଜି ବି ସ୍ମୃତିପଟରେ ସେମିତି ଚକ୍‌ଚକ୍ କରୁଛି। ତା'ସାଙ୍ଗକୁ ଆଖିଆଗରେ ଝଲସି ଯାଉଛି ମୋ ମା' ଆଖିରେ ସେଦିନ ଜକେଇ ଆସିଥିବା ଲୁହ।

# ଟ୍ରେଣ୍ଡି ଛତା

**ବର୍ଷା ହେଉ କି ଖରା ଛତାର ଆବଶ୍ୟକତା ପ୍ରାୟ ସବୁବେଳେ ରହିଥାଏ। ଖାସ୍ ସେଇଥିପାଇଁ ଛତାର ଅନେକ ଡିଜାଇନ୍ ଆଉ ଭେରାଇଟି ଦେଖିବାକୁ ମିଳେ। ତେବେ ଏଠାରେ ସେମିତି କିଛି ଟ୍ରେଣ୍ଡି ଛତା ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହା ବର୍ଷା ଦାଉରୁ ହେଉ ଅବା ଖରାର ପ୍ରକୋପରୁ ସୁରକ୍ଷା ଦେବା ସହ ଟିକେ ଡିଫରେଣ୍ଟ ଲାଗିଥାଏ...**





**✲ସି–ଶେପ୍ ହ୍ୟାଣ୍ଡେଲ୍ ଛତା:** ଅନ୍ୟ ସାଧାରଣ ଛତା ପରି ଏହା ଦେଖାଯାଉଥିଲେ ହେଁ, ଏଥିରେ ଲାଗିଥିବା ହ୍ୟାଣ୍ଡେଲ୍‌ଟି ଇଂଲିଶ ଅକ୍ଷର 'ସି' ଶେପ୍ ପରି ହୋଇଥାଏ। ଖାସ୍ ଏହି କାରଣ ପାଇଁ ଉକ୍ତ ଛତାକୁ ଆଉ ହାତରେ ଜାବୁଡି ନ ଧରି ଏହାକୁ ଆରାମରେ ଗୋଟିଏ ହାତରେ ଗଳାଇ ଯେ କୌଣସି କାମ ସହଜରେ କରିହୁଏ। ଯେମିତିକି ବର୍ଷାରେ ଚାଲିଚାଲି ଗଲାବେଳେ ଦୁଇ ହାତରେ ମୋବାଇଲ୍ ଧରି ଅପ୍‌ରେଟ୍ କରିବା କିମ୍ବା ଗୋଟିଏ ହାତରେ ମୋବାଇଲ୍ ଧରି କଥା ହେବା ସହ ଅନ୍ୟ ହାତରେ କଫି ଧରି ଆରାମରେ ପିଇ ପାରିବା ।

**✲ ଖଣ୍ଡା ଥିବା ଛତା:** ଏହି ଛତା ଦୁଇ ପ୍ରକାରର ଉପକାରରେ ଆସିଥାଏ। ପ୍ରଥମତଃ ଏହି ଛତା ଆମକୁ ବର୍ଷା ତଥା ଖରାରୁ ସୁରକ୍ଷା ଦେଇଥାଏ। ଦ୍ୱିତୀୟରେ ଉକ୍ତ ଛତାର ହ୍ୟାଣ୍ଡେଲ୍‌ରେ ଏକ ସ୍ୱତନ୍ତ୍ର ଧରଣର ଖଣ୍ଡା ଲାଗିଥାଏ, ଯାହାକୁ ଆମେ ଚାହିଁଲେ ପ୍ରତିକୂଳ ପରିସ୍ଥିତିରେ ବ୍ୟବହାର କରି ନିଜକୁ ସୁରକ୍ଷା ଦେଇପାରିବା। କିନ୍ତୁ ଏହି ଧରଣର ଛତା ବ୍ୟବହାର କରିବା ସମୟରେ ଟିକେ ସାବଧାନ ରହିବା ଉଚିତ, ନଚେତ୍ ଅଜାଣତରେ ନିଜର ହେଉ ଅବା ଅନ୍ୟ କାହାର କିଛି ବି କ୍ଷତି ହୋଇଯାଇପାରେ।

**✲ କୁଲ୍ ପୋଲାଇଟ୍ ଛତା:** ବର୍ଷାଦିନେ ଛତା ଧରି ରାସ୍ତାରେ ଗଲାବେଳେ ଗହଳି ହୋଇଗଲେ ବେଳେବେଳେ ଜଣଙ୍କର ଛତା ସହ ଆଉ ଜଣଙ୍କର ଛତା ମାଡ଼ ହୋଇଯାଏ। ଖାସ୍ ଏହି ସବୁ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏବେ ଏମିତି ଏକ ନିଆରା ଡିଜାଇନ୍‌ର ଛତା ଆସିଲାଣି, ଯାହା ଗହଳି ସ୍ଥାନରେ ଆପେ ଆପେ ଛୋଟ ହୋଇଯାଏ। ଅର୍ଥାତ୍ ଏହି ଛତାରେ ଏପରି ଏକ ସେନ୍‌ସର୍ ଲାଗିଥାଏ, ଯାହା ଗହଳି ସ୍ଥାନରେ ସାମ୍ନାରୁ ହେଉ ଅବା ପଛପଟୁ କୌଣସି ଲୋକ ଆସୁଥିବାର ସୂଚନା ପାଇ ନିଜର ପକ୍ଷକୁ ଟିକେ ସଙ୍କୁଚିତ କରିଦିଏ। ଫଳରେ ଆଉ ଛତା ସହ ଛତା ମାଡ଼ ହୁଏ ନାହିଁ। ସେଥିପାଇଁ ଉକ୍ତ ଛତାକୁ କୁଲ୍ ପୋଲାଇଟ୍ ଛତା ବୋଲି କୁହାଯାଇଥାଏ।

**✲ ଡଗ୍‌ବ୍ରେଲା:** ଅନେକ ସମୟରେ ଦେଖାଯାଏ ବର୍ଷାଦିନେ ନିଜର ପ୍ରିୟ କୁକୁରକୁ ଧରି ବାହାରକୁ କୁଆଡ଼େ ବୁଲିଗଲାବେଳେ ସେମାନେ ବର୍ଷାରେ ଓଦା ହୋଇଯାଇଥାନ୍ତି। ଖାସ୍ ସେଥିପାଇଁ କୁକୁରମାନଙ୍କ ସକାଶେ ଏବେ ଏକ ସ୍ୱତନ୍ତ୍ର ଧରଣର ଛତା ତିଆରି ହୋଇ ମାର୍କେଟ୍‌ରେ ବିକ୍ରି କରାଯାଉଛି ; ଯାହାକୁ ଡଗ୍‌ବ୍ରେଲା ବୋଲି କୁହାଯାଉଛି। ଏହି ଛତାକୁ ନିଜ ପ୍ରିୟ କୁକୁରର ମୁଣ୍ଡ ଉପରେ ରଖିବା ସହ ଏଥିରେ ଲାଗିଥିବା ସ୍ୱତନ୍ତ୍ର ହ୍ୟାଣ୍ଡେଲ୍‌କୁ ମାଲିକ ଧରି ଧରି ଯିବାର ସୁବିଧା ମଧ୍ୟ ରହିଛି।

କେବଳ ଏତିକି ନୁହେଁ, ବାଦଲ ତଥା ଆକାଶର ଭ୍ରମ ସୃଷ୍ଟି କରୁଥିବା ଛତା, ଏଲ୍‌ଇଡି ଲାଇଟ୍‌ରେ ଆଲୋକିତ ହେଉଥିବା ଛତା, ହ୍ୟାଣ୍ଡ ଫ୍ରି ଛତା ଇତ୍ୟାଦି ବି ହେଉଛି ଟ୍ରେଣ୍ଡି ଛତାର ଅନ୍ୟ କେତେକ ଉଦାହରଣ।











ମନୋଜ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନଭିଲ୍।

## ହାଃ ହାଃ

### ଏକୁଟିଆ

ଶିକ୍ଷକ ମଣ୍ଟୁକୁ: ଏମିତି ଏକ ସ୍ଥାନ ବିଷୟରେ କୁହ ଯେଉଁଠି ଅନେକଜଣ ଥିବେ, ତଥାପି ଏକୁଟିଆ ଲାଗୁଥିବ ଓ କେହି ସାହାଯ୍ୟ କରୁ ନ ଥିବେ।
ମଣ୍ଟୁ: ସାର୍, ପରୀକ୍ଷା ହଲ୍।

### କେମିତି ଲାଗେ

ପପୁ ଶିକ୍ଷୟିତ୍ରୀଙ୍କୁ:ମ୍ୟାମ୍ ମୁଁ ଆପଣଙ୍କୁ କେମିତି ଲାଗେ ?
ଶିକ୍ଷୟିତ୍ରୀ: ବହୁତ ଭଲ। ୟୁ ଆର୍ ସୋ ସୁଇଟ୍।
ପପୁ: ତା'ହେଲେ କୁହନ୍ତୁ ମୁଁ କେବେ ମୋ ବାପା ମା'ଙ୍କୁ ଆପଣଙ୍କ ଘରକୁ ପଠାଇବି ?
ଶିକ୍ଷୟିତ୍ରୀ: କେଉଁଥିପାଇଁ ?
ପପୁ: କଥା ଆଗକୁ ବଢେଇବା ପାଇଁ।
ଶିକ୍ଷୟିତ୍ରୀ: ପାଗଳ ହେଇଯାଇଛୁ ନା କ'ଣ, ଏସବୁ କ'ଣ କହୁଛୁ ?
ପପୁ: ମ୍ୟାମ୍ ଆପଣ ବି ନା, କ'ଣ କ'ଣ ଭାବି ଦେଉଛନ୍ତି। ମୁଁ ତ ଟ୍ୟୁଶନ୍ କଥା କହୁଥିଲି।

### ମରିବା ପରେ

ସ୍ୱାମୀ ସ୍ତ୍ରୀ ଉଭୟଙ୍କର ମୃତ୍ୟୁ ହୋଇଗଲା। ମୃତ୍ୟୁ ପରେ ସ୍ୱାମୀ ଭୂତ ହୋଇଗଲେ ଓ ସ୍ତ୍ରୀ ଚୁଡେଲ।
ସ୍ତ୍ରୀ ସ୍ୱାମୀଙ୍କୁ ଦେଖି: ଆରେ, ତମେ ଭୂତ ହେଇଗଲାପରେ କେତେ ଭୟାନକ ଲାଗୁଛ।
ସ୍ୱାମୀ: ହଁ, ହେଲେ ତମ ଲୁକ୍‌ରେ କିଛି ଫରକ ଆସିଲାନି। ତମେ ଆଗରୁ ଯେମିତି ଦେଖାଯାଉଥିଲ ଏବେ ବି ସେମିତି ଦେଖାଯାଉଛ।

**ଏମିତି ବି କେତେକ ଲୋକ ଅଛନ୍ତି, ଯେଉଁମାନେ ବର୍ଷାଦିନେ ପର୍ଯ୍ୟଟନରେ ଯିବାକୁ ଖୁବ୍ ପସନ୍ଦ କରିଥାନ୍ତି। ଖାସ୍ ସେମାନଙ୍କ ପାଇଁ ଏଠାରେ ସେମିତି କେତୋଟି ପ୍ରାକୃତିକ ବୈଭବରେ ଭରା ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠାକୁ ବର୍ଷକ ବାରମାସ ଯିବାର ସୁବିଧା ଥିଲେ ବି ଖାସ୍ ଏହି ବର୍ଷାଦିନେ ବୁଲିଗଲେ କିଛିଟା ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥାଏ...**





# ବର୍ଷାରେ ଭ୍ରମଣ

**✲ୱାୟନାଡ଼:** ରିମ୍‌ଝିମ୍ ବର୍ଷାରେ ଭିଜିଭିଜି ବୁଲିବା ପାଇଁ କେରଳର ୱାୟନାଡ଼ ହେଉଛି ଏକ ସୁନ୍ଦର ସ୍ଥାନ। ବିଶେଷକରି ନବବିବାହିତା ଦମ୍ପତି କିମ୍ବା ପ୍ରେମୀଯୁଗଳ ବର୍ଷାଦିନେ ଏହି ସ୍ଥାନକୁ ବୁଲିଗଲେ କିଛିଟା ନିଆରା ଅନୁଭୂତି ପାଇପାରିବେ। ଏଠାକାର ଶାନ୍ତ ପରିବେଶରେ କିଛି ସମୟ ବିତାଇବା ସହ ଏଠାରେ ଦେଖିବାକୁ ମିଳୁଥିବା ସୁନ୍ଦର ପାହାଡ, ଝରଣା ତଥା ବୋହି ଯାଉଥିବା ନଦୀର ଜଳକୁ ଉପଭୋଗ କରିବାରେ ଥାଏ ଏକ ଅପୂର୍ବ ସୁଖ।

**✲ଦାର୍ଜିଲିଂ:** ଖାସ୍‌କରି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବିଭିନ୍ନ ସ୍ଥାନରୁ ଏଠାକୁ ପର୍ଯ୍ୟଟକ ଧାଇଁ ଆସିଥାନ୍ତି। ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ଏପରିକି ବର୍ଷାଦିନେ ବି ଏଠାକୁ ଅନେକ ଆଗନ୍ତୁକ ବୁଲି ଆସୁଥିବାର ନଜର ଦେଖିବାକୁ ମିଳିଥାଏ। କାରଣ କୁହାଯାଏ, ବର୍ଷାଦିନେ ଏଠାରେ କୁଆଡ଼େ ପ୍ରବଳ ବର୍ଷା ହୋଇଥାଏ। ଆଉ ସେହି ବର୍ଷାରେ ଭିଜିଭିଜି ଏଠାକାର ଶସ୍ୟଶ୍ୟାମଳା କ୍ଷେତର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାରେ ଥାଏ ନିଆରା ଆନନ୍ଦ।

**✲ଗୋଆ:** ଦମ୍ପତି ହୁଅନ୍ତୁ ବା ପ୍ରେମୀଯୁଗଳ, ସେମାନଙ୍କ ପାଇଁ ଗୋଆ ହେଉଛି ଏକ ସବୁଠୁ ପ୍ରିୟ ହଲିଡେ ଡେଷ୍ଟିନେଶନ। ଅନ୍ୟଦିନ ତୁଳନାରେ ବର୍ଷାଦିନେ ଏଠାକୁ ବୁଲିଗଲେ ସ୍ଥାନୀୟ ବିଚ୍‌ର ଏକ ଅପୂର୍ବ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ମିଳିଥାଏ। କେବଳ ସେତିକି ନୁହେଁ ବର୍ଷାଦିନେ ଏଠାକାର ନାଇଟ୍ ଲାଇଫ୍ ବି ବେଶ୍ ଉପଭୋଗ୍ୟ ହୋଇଥାଏ।

**✲କୁର୍ଗ:** କୁର୍ଗ, ଯାହା କୋଡଗୁ ଭାବେ ବି ପରିଚିତ। ଏହା ନିଜର ଆକର୍ଷକ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଲୋକପ୍ରିୟ। ଏହା ଭାରତର ଅନ୍ୟତମ ସୁନ୍ଦର ହନିମୁନ୍ ଡେଷ୍ଟିନେଶନ ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିପାରିଛି। ତେବେ ଅନ୍ୟଦିନ ତୁଳନାରେ ବର୍ଷାଦିନେ କୁର୍ଗର ସୌନ୍ଦର୍ଯ୍ୟ ଦେଖିବା ଯୋଗ୍ୟ ହୋଇଥାଏ। ଖାସ୍‌କରି ଏଠାକାର ଜଙ୍ଗଲ ପରିବେଷ୍ଟିତ ପାହାଡ଼, ଘାଟି ତଥା ଝରଣା ଆଦି ବର୍ଷାଦିନେ ନବଯୌବନ ପାଇଲା ଭଳି ଅନୁଭବ ହୁଏ।

**✲ମୁନ୍ନାର:** ସବୁଜ ବନାନୀ ଘେରା ଘାଟି, ସୌନ୍ଦର୍ଯ୍ୟପୂର୍ଣ୍ଣ ଝରଣା ତଥା ଆକର୍ଷଣୀୟ ହ୍ରଦର ସୌନ୍ଦର୍ଯ୍ୟରେ ମୁନ୍ନାରର ପରିବେଶ ବେଶ୍ ଆକର୍ଷକ ଲାଗିଥାଏ। ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ଭରି ରହିଥିବା ମୁନ୍ନାର କେରଳର ଏମିତି ଏକ ସହର ଅଟେ, ଯେଉଁଠାରେ ଶାନ୍ତ ବାତାବରଣ ସାଙ୍ଗକୁ ଅନେକ କିଛି ପର୍ଯ୍ୟଟନସ୍ଥଳୀ ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ କୋଳାହଳପୂର୍ଣ୍ଣ ଜୀବନରୁ କିଛି ସମୟର ବିରତି ନେଇ ପର୍ଯ୍ୟଟକ ଏହି ସ୍ଥାନକୁ ଶାନ୍ତି ପାଇବା ଆଶାରେ ଧାଇଁ ଆସିଥାନ୍ତି।

**✲ମେଘାଳୟ:** ପାହାଡ, ଜଙ୍ଗଲ ଦ୍ୱାରା ଘେରି ହୋଇ ରହିଥିବା ମେଘାଳୟକୁ ଅନେକେ ବାଦଲର ଘର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ପାହାଡ, ପର୍ବତ ଘେରା ସାଙ୍ଗକୁ କଳକଳ ନାଦ କରି ବୋହି ଯାଉଥିବା ନଦୀ ଆଉ ଝରଣାର ସୌନ୍ଦର୍ଯ୍ୟ ଏଠାକାର ପରିବେଶକୁ ବେଶ୍ ଆକର୍ଷଣୀୟ କରି ଦେଇଥାଏ। ଆଉ ବର୍ଷାଦିନେ ତ ଏଠାକାର ପ୍ରାକୃତିକ ପରିବେଶକୁ ଦେଖିବା ଯୋଗ୍ୟ ହୋଇଥାଏ।

କେବଳ ଏତିକି ସ୍ଥାନ ନୁହେଁ, ଭାରତରେ ଆହୁରି ବି ଏମିତି ଅନେକ ସ୍ଥାନ ରହିଛି ଯେଉଁଠାକୁ ବର୍ଷାଦିନେ ବୁଲିଯାଇ ନିଆରା ଅନୁଭୂତି ସାଉଁଟି ହୋଇପାରିବ।

## ମହାବଳେଶ୍ୱର :

ଜୁଲାଇ, ଅଗଷ୍ଟ ମାସ ବେଳେ ମହାରାଷ୍ଟ୍ରସ୍ଥିତ ମହାବଳେଶ୍ୱରର ସୌନ୍ଦର୍ଯ୍ୟ ଭିନ୍ନ ଏକ ସ୍ତରରେ ଥିଲାଭଳି ଅନୁଭବ ହୋଇଥାଏ। ସେଥିପାଇଁ ବହୁ ସଂଖ୍ୟାରେ ଦମ୍ପତି ହୁଅନ୍ତୁ ଅବା ପ୍ରେମୀଯୁଗଳଙ୍କୁ ବର୍ଷାଦିନେ ଏଠାରେ ଦେଖିବାକୁ ମିଳିଥାଏ। ଷ୍ଟ୍ରବେରୀ ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ମହାବଳେଶ୍ୱରରେ ପର୍ଯ୍ୟଟକ ବର୍ଷାଦିନେ ବୋଟିଂ କରିବାର ମଜା ମଧ୍ୟ ନେଇପାରିବେ।











# ଓଲଟା ବହୁଛି ଝରଣା

ସୁଉଚ୍ଚ ପାହାଡ ଉପରୁ ଝରଣା ତଳକୁ ପ୍ରବାହିତ ହୋଇଥାଏ। ପୃଥିବୀର ମାଧ୍ୟାକର୍ଷଣ ବଳ ପ୍ରଭାବରେ ଝରଣାଗୁଡିକ ଏଭଳି ଭାବେ ପ୍ରବାହିତ ହୁଏ। କିନ୍ତୁ ମହାରାଷ୍ଟ୍ରର ନାନେଘାଟ ଝରଣା ପ୍ରକୃତିର ଏହି ନିୟମର ଓଲଟା ପ୍ରବାହିତ ହୁଏ। ଅର୍ଥାତ୍ ଏହା ଉପରୁ ତଳକୁ ନୁହେଁ ବରଂ ତଳୁ ଉପରକୁ ପ୍ରବାହିତ ହୋଇଥାଏ। ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ଆଉ ପ୍ରକୃତିର ଏଭଳି ଅଦ୍ଭୁତ ଓ ରହସ୍ୟମୟ ଦୃଶ୍ୟ ଦେଖିବାକୁ ଏଠାରେ ପର୍ଯ୍ୟଟକଙ୍କର ସବୁବେଳେ ଭିଡ ହୁଏ। ଉକ୍ତ ଝରଣା ପୁନାର ଜୁନ୍ନାର ନିକଟରେ ଅଛି। ବର୍ଷାଦିନେ ଏହି ଝରଣାର ଦୃଶ୍ୟ ଆହୁରି ଅଧିକ ଅଦ୍ଭୁତ ଲାଗେ। ତେବେ ବୈଜ୍ଞାନିକଙ୍କ ମତରେ, ଝରଣାଟି ଓଲଟା ପ୍ରବାହିତ ହେବା ପଛର କାରଣ ହେଉଛି ଏଠାରେ ପ୍ରବାହିତ ହେଉଥିବା ପ୍ରବଳ ବେଗର ପବନ। ପବନର ବଳ ସାହାଯ୍ୟରେ ଝରଣାର ପାଣି ଠେଲି ହୋଇ ଓଲଟା ପ୍ରବାହିତ ହୁଏ। ଆଉ ଏହି ଦୃଶ୍ୟକୁ ଉପଭୋଗ କରିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରାୟ ୫–୬ ଘଣ୍ଟାର ରାସ୍ତା ଟ୍ରେକିଂ କରିବାକୁ ପଡିଥାଏ।

## କାର୍ଟୁନ କର୍ନର





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଗୁଜବ –ବଡ଼ ଅଜବ



ଚିକ ଚକ କରୁଥିବା ଚନ୍ଦରାର ଚନ୍ଦା ମୁଣ୍ଡରେ ଚମତ୍କାର ବୁଦ୍ଧି । ଆଜ୍ଞା ! ପଚାରୁଛନ୍ତି କେମିତି ? ଭାତ ହାଣ୍ଡିରୁ ଗୋଟେ ଚିପି ପରଖିଲା ଭଳିଆ... କଥାଟେ ଶୁଣୁନାହାନ୍ତି । ଚନ୍ଦରାର ସମୁଦି ଚଇତା ଚାରିବର୍ଷ ତଳେ ଚାରିଟିଣ ଜଡ଼ାତେଲ, ଚାରି ହଜାର ଦୀପ, ବାଣ, ବଳିତା କିଣି ଦୀପାବଳି କି ବେପାର କରୁଥିଲା । ଗ୍ରାହକଙ୍କ ଭିଡ଼ରେ ବେପାର ଜମିଲାବେଳକୁ ପ୍ରବଳ ବେଗରେ ଝଡ଼ ବର୍ଷା ଆସି ସବୁ ସାରିଦେଲା । ବିଚରା ହାତ ଉଧାରି ଶହକେ ପାଞ୍ଚଟଙ୍କା ସୁଧରେ ତିରିଶି ହଜାର ଟଙ୍କାର ଲାଭ କ'ଣ ପାଇବ, ମୂଳଜମା ଉଠିଲାନି। ଚଇତା ମୁଣ୍ଡ ଆଉଁସି ମନଦୁଃଖରେ ବସିବାଦେଖି ଚନ୍ଦରା ଘଟଣା ସମ୍ପର୍କରେ ସବିଶେଷ ଶୁଣି ଫେଁ ଫେଁ ହେଇ ଉଡାଏ ହସି ହସି କାଶି ପକେଇଲା । କହିଲା.. ସମୁଦି ! ଏ ଚନ୍ଦରା ଥାଉ ଥାଉ ତମେ ଭାଙ୍ଗିପଡୁଛ ? ଏଇଟା ଗୋଟାଏ କଥାନା ? ଦେଖ , କାଲି ସିନା ଦୀପାବଳି ଯାଇଛି , ହେଲେ ତମ ବଳକା ତିନି ଟିଣ ତେଲ, ଦୀପ, ବଳିତା, ବାଣକୁ କେମିତି ଦି ଦିନରେ ବିକେଇ ମୋଟା ଲାଭ ତମ ହାତରେ ଯେବେ ନ ଧରେଇ ପାରୁଛି... ତେବେ ମୋ ନାଁରେ ଗୋଟେ ବଣଭୁଆ ପୋଷିବ ।

ସତକୁସତ ମାତ୍ର ଦେଢ଼ ଦିନରେ ଖାଲି ଚଇତା ନୁହଁ ବରଂ ଅନ୍ୟ ବେପାରୀଙ୍କ ସବୁ ବଳକା ମାଲ ଚଢ଼ାଦାମରେ ବିକ୍ରି ହେଇଗଲା । ଲୋକେ ଧାଡ଼ି ଧାଡ଼ିହେଇ ମାଡ଼ିଆସି ସବୁ କିଣିନେଇଗଲେ । ବୁଝୁ ବୁଝୁ କୁଆଡ଼େ କୋଉ ଦିଅଁ ମନ୍ଦିର ପୂଜାରୀ କି ସ୍ୱପ୍ନେଇଛନ୍ତି... ଯିଏ ଦୀପାବଳିଠୁ ସାତଦିନ ଭିତରେ ସାତଟା ଜଡ଼ାତେଲ ଦୀପ, ସଞ୍ଜବେଳେ ଚଉରାମୂଳେ ଜାଳି ଦି'ଟା ବାଣ ନ ଫୁଟେଇବ...ତା' ପରିବାରର ରୋଜଗାରିଆ ବଡ଼ମୁଣ୍ଡ ବରଷକ ଭିତରେ ଯିବାଟା ଥୟ । ଏଇକଥା କୋଉଠି ବୁଝିଲା ବେଳକୁ , କିଏ କହିଲା ପୁରୀରେ ବଡ଼ପଣ୍ଡାକୁ ଜଗନ୍ନାଥେ ସ୍ୱପ୍ନେଇଛନ୍ତି ତ କିଏ କହିଲା ଝଙ୍କଡ଼ରେ ସାରଳା ମା' କହିଛନ୍ତି । ପୁଣି କିଏ କହିଲା.. ଆରେ ନା ନା, ମା' ମଙ୍ଗଳାପରା କାକଟପୁରରେ ସାକ୍ଷାତ ଦର୍ଶନଦେଇ ବତେଇଛନ୍ତି । ପୁଣି କାହାଠୁ ଶୁଣିବାକୁ ମିଳିଲା ତାରିଣୀ ମା' ପାହାନ୍ତା ରାତିରେ ନିର୍ଦ୍ଦେଶବାଣୀ ଶୁଣେଇଛନ୍ତି । ମାଇପେମାନେ ଘରେ ଉଚ୍ଛନ୍ନହୋଇ ଜିଗରକରି ପତିଙ୍କୁ କହିଲେ... ଏତେ ତର୍ଜମାରୁ ଆମର କ'ଣ ମିଳିବ ? ଟଙ୍କା ଶହେ ଦେଢ଼ଶହ ଖରଚ କରି ଏଇସବୁ ଜିନିଷ କିଣି ଚଉରାମୂଳେ କାମସାରିଦେଲେ ଗଲା । ଆଉ ତେଣିକି ତ ମନ ଦକ ଦକ ନ ଥିବ ନା ।

ଚଇତା, ଚନ୍ଦା ଚନ୍ଦରା ସମୁଦିଙ୍କ ବୁଦ୍ଧିକି ତାରିଫକରି କହିଲେ ଏମିତି କମାଲ କେମିତି କଲ ? ତମକୁ ମାନିବାକୁ ପଡିବ । ଚନ୍ଦରା ହସି ହସି କହିଲା... ବୁଝିଲ ସମୁଦି, ଇଏ କିବା କଥା । ମତେ ଯଦି ଭାରତର ପ୍ରଧାନମନ୍ତ୍ରୀ ପଦ ମିଳିଯାଆନ୍ତା, ମୁଁ ମୋ କରାମତି ଦେଖେଇଦିଅନ୍ତି । ଦେଖିଲ ତ...ମାନ୍ଦା ହୋଇଯାଇଥିବା ତମ ଧନ୍ଦାକୁ କେମିତି ମୋ ଚକ ଚକ କରୁଥିବା ଚନ୍ଦାମୁଣ୍ଡର ଚମତ୍କାରିତା କମାଲ କଲା !

ଆଜ୍ଞା ! ମୋ ପିଲାବେଳେ ଶୁଣିଥିଲି ଶାସକ ଦଳକୁ ଗଡେଇ ବିରୋଧୀଏ ଆସନରେ ବସିବା ପାଇଁ କୋଉ ଚନ୍ଦା ମୁଣ୍ଡରୁ ବୁଦ୍ଧିଆଣି ସଫଳ ହୋଇଥିଲେ। ସେତେବେଳେ ହୀରାକୁଦର ଗଚ୍ଛିତ ମହାନଦୀ ପାଣିକି କେନାଲରେ ଆଣି ସାରା ଓଡ଼ିଶାରେ ଟାଇଚିନ୍ ଧାନ କରିବାର ଯୋଜନା ସରକାର କଲେ। ବିରୋଧୀଏ ବୁଦ୍ଧିନେଇ ଜନତାଙ୍କୁ ମତେଇ ଆନ୍ଦୋଳନ କଲେ... ଏ ସରକାର କରେଣ୍ଟ ଛାଣି ସାର ନ ଥିବା ଅସାର ପାଣିରେ ଚାଷ କରେଇ ଚାଷୀ ତଥା ଓଡ଼ିଶାବାସୀଙ୍କ ଜୀବନ ନେବାର ଯୋଜନା କରୁଛନ୍ତି। ଏ ସରକାର ହଟାଓ... ରାଜ୍ୟ ବଞ୍ଚାଓ। ତାତିଲେ ମାତିଲେ ମାତେଙ୍ଗାଦଳ । ଚାଲିଲା ହୋ ହାଲ୍ଲା ଗଣ୍ଡଗୋଳ । ବଢ଼ିଲା ଝାମେଲା... ଷ୍ଟ୍ରାଇକ ପାଲା... ନିର୍ବାଚନ ପରେ ସର୍କାର ଗଲା ।

ଆଉଥରେ ଡାଲଡ଼ା ଘିଅର ଘୋର ଅଭାବବେଳେ ବିରୋଧୀଏ କିଛି ଘିଅଟିଣ କିଣି ସରକାର ମାଗଣାରେ ଘିଅ ବାଣ୍ଟିବାକୁ ଦେଇଛନ୍ତି କହି ଗାଁ ଏମୁଣ୍ଡରେ ଜଣକୁ ସେମୁଣ୍ଡେ ଜଣକୁ ମଝିରେ ଗୋଟେ ପରିବାରକୁ କିଲେ କିଲେ ଦେଇ କହିଲେ ଯିଏ ଶାସକ ଦଳର ଲୋକ କେବଳ ତାଙ୍କୁ ଦେବାକୁ କହିଛନ୍ତି। ଏଇ ଗୁଜବରେ ବିଶ୍ୱାସକରି ଅସଲ ସରକାରଙ୍କୁ ସମର୍ଥନକାରୀ ପରିବାର ପ୍ରାୟ ସତୁରି ଅଶୀ ଭାଗ ଲୋକ ଗର୍ଜନ ଆରମ୍ଭକଲେ । ପର ନିର୍ବାଚନରେ ସରକାରୀ ଦଳକୁ ଗଡ଼େଇ ବିରୋଧୀଙ୍କୁ ଆସନରେ ଚଢ଼େଇଦେଲେ ।

ତିନିବର୍ଷ ତଳେ ମୁଁ ଅଫିସରେ ବସିଥାଏ । ଦଳ ଦଳହୋଇ ଲୋକେ ଆସି ପଚାରିଲେ... ଆପଣଙ୍କ ଅଫିସ ଆମକୁ ଗ୍ରୀନ କାର୍ଡ ଦେଇଛନ୍ତ। ତେବେ କୁହନ୍ତୁ.. କୋଉଠି ମାସକୁ ପନ୍ଦରଶହ ଟଙ୍କା ଓ ମାଗଣାରେ କୁଇଣ୍ଟାଲେ ଚାଉଳ ମିଳୁଛି ? ଆମ ନେତା କହିଛନ୍ତି... ଏଇଠି ମିଳିବ । ଆମେ ଯେତେ ବୁଝେଇଲୁ.. ଏଗୁଡ଼ାକ ଗୁଜବ, ତାହା ମିଛ , ସେମାନେ ନ ଶୁଣି ନାରାବାଜିକରି କମ୍ପେଇଲେ... ସରକାର ଆମକୁ ଏ ସୁବିଧା ଦେଉଛି। ତମେ ତାକୁ ମାରି ଖାଉଛ । ତାଙ୍କ ନେତା ପ୍ରତି କାର୍ଡ ପିଛା ହଜାରେ ଟଙ୍କା ଲେଖା ଆଦାୟ କରି କୁଆଡେ ସମ୍ବିଧାନ ଭିତରେ ପଶି... ଲଢେଇକରି ଗ୍ରୀନ କାର୍ଡଧାରୀଙ୍କ ପାଇଁ ଖୋଦ ଏମିତି ଆଇନ କରିଛନ୍ତି। ହାୟ! ଚତୁରିଆ ନେତା କୋଟିଏରୁ ବେଶି ଟଙ୍କା ଧରି ଛୁ । ମାତ୍ର ଭକୁଆ ବନିଥିବା ଜନତା ଚୁଟି ଧରାଧରି ହଉଛନ୍ତି । କିଏ ଅତି ଭଦ୍ର ଗୁଜବ ଭାଇରାଲ କରି କହିଲାଣି.. ସାବଧାନ ! ଏଟିଏମ୍‌ରୁ ମାସକୁ ଚାରିଥରରୁ ଅଧିକଥର ଟଙ୍କା ଉଠେଇଲେ ସବୁଟଙ୍କା ସରକାର ନେଇଯିବେ ତ କିଏ କହିଲାଣି ମୋଟା ଟ୍ୟାକ୍ସ ଦେଇ ବ୍ୟାଙ୍କ ବାଲାନ୍ସ ଶୂନ ହୋଇଯିବ ଇତ୍ୟାଦି....

ଏମିତି ଅନେକ ଗୁଜବକୁ ଜନ୍ମକରି ମୁଣ୍ଡରୁ ବୁଦ୍ଧି ନିଗାଡ଼ି ଥୋକେ ଦେଶକୁ ବିଗାଡି ଆପେ ଏସି ଘରେ ଖଟ ଗଦିରେ ଶୋଇ ସୁକୁଟ ଦେଖି ଭବିଷ୍ୟତରେ ମୁକୁଟ ପିନ୍ଧିବାର ଯୋଜନା କଲାବେଳକୁ... ଏଣେ ଯୁବ ଗୋଷ୍ଠୀ ଗୁଜବକୁ ବିଶ୍ୱାସକରି ପର ବୁଦ୍ଧିରେ ଜାତୀୟ ସମ୍ପତ୍ତିରେ ନିଆଁ ଲଗେଇ ଦୁନିଆଁ ଉଚ୍ଛନ୍ନ କରି ପରେ ଅନୁତାପ କଲାବେଳକୁ ସମୟ ସାରିଦେଲାଣି ସବୁ।

–ମଙ୍ଗରାଜପୁର, ପୁରୀ

ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ସମ୍ପର୍କର ସମ୍ମୋହିତ ସୌଦାଗର

**ଅଧ୍ୟାପକ ବିଶ୍ୱରଂଜନ**

**ଆଲେଖ୍ୟ–ଡକ୍ଟର ପ୍ରମୋଦ କୁମାର ପରିଡା**

**ବର୍ଷା ପବ୍ଲିକେଶନ୍, ଭୁବନେଶ୍ୱର,**

**ମୂଲ୍ୟ–୮୦ଟଙ୍କା**

ଅଧ୍ୟାପକ ବିଶ୍ୱରଂଜନଙ୍କ ୭୫ବର୍ଷ ଅବକାଶରେ ପ୍ରକାଶ ପାଏ ଡକ୍ଟର ପ୍ରମୋଦ କୁମାର ପରିଡାଙ୍କ 'ସମ୍ପର୍କର ସମ୍ମୋହିତ ସୌଦାଗର ଅଧ୍ୟାପକ ବିଶ୍ୱରଂଜନ'। ଏଥିରେ ୯ଟି ବିଷୟ ରହିଛି। ପୁସ୍ତକର ଆରମ୍ଭ ୭୦ ସଙ୍ଗୀତରୁ ହୋଇଥିବା ବେଳେ ସମୁଦ୍ର ସ୍ନାନର ନାଟ୍ୟରୂପରେ ଶେଷ ହୋଇଛି। ଯାହାକି ପାଠକଙ୍କୁ ଏକ ନିଆରା ଅନୁଭବ ଦେବ। ବହିଟିରେ ବିଶ୍ୱରଂଜନଙ୍କ ଲେଖା ସମୁହକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା ପର୍ଯ୍ୟାଲୋଚନା ହୋଇଛି ; ଯାହା ପାଠକଙ୍କୁ ଉଭୟ ବିଶ୍ୱରଂଜନ ଓ ତାଙ୍କ ସାହିତ୍ୟକୃତି ସମ୍ପର୍କରେ ସମ୍ୟକ ସୂଚନା ଦେବ। ଆଲେଖ୍ୟକାର ଯେଉଁ ଦୃଷ୍ଟି ଭଙ୍ଗୀରେ ତାଙ୍କ କୃତୀ ଓ କିର୍ତ୍ତୀ ପ୍ରତି ଦୃଷ୍ଟି ନିବଦ୍ଧ କରିଛନ୍ତି ତାହା ପ୍ରଶଂସାର୍ହ। ବହିଟି ପାଠକାଦୃତ ହେବା ବୋଲି ଆଶା କରାଯାଏ।




### କେହିଜଣେ

**ଇଂ ପ୍ରଦୀପ କୁମାର ଷଡ଼ଙ୍ଗୀ**

**କାବ୍ୟଲୋକ, ଭୁବନେଶ୍ୱର**

**ମୂଲ୍ୟ–୧୫୦ଟଙ୍କା**

କେହିଜଣେ ପୁସ୍ତକରେ ୪୫ଟି କବିତା ରହିଛି। ଲେଖକ ଇଂ.ପ୍ରଦୀପ କୁମାର ଷଡ଼ଙ୍ଗୀ କବିତା ମାଧ୍ୟମରେ କହୁଛନ୍ତି, ମଣିଷ ମଣିଷ ମଧ୍ୟରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ଆଶୀର୍ବାଦ, ସମ୍ବେଦନଶୀଳତା ଓ ଭଲପାଇବା ଏମିତି ଚିରକାଳ ରହିଥାଉ। ଯାହା ସାଧାରଣ ମଣିଷ ଆଉ ଲେଖକଙ୍କୁ ଆହୁରି ନିକଟତର କରି ପାରିବ। କେହିଜଣେ ପ୍ରତୀକ୍ଷା କରି ରହୁ ମୁଁ ଆହୁରି କିଛି ଓଡ଼ିଆ ସାହିତ୍ୟ ଲାଗି ଭଲ କାମ କରେ। ଯାହା ମୋ ଲେଖନୀ ପ୍ରତି ଆଶୀର୍ବାଦର ଧାରା ବରଷିବ। ଲେଖକଙ୍କୁ କେହି ଫୁଲହାର ନ ଦେଉ ପଛେ ମୁଠାଏ ନିରୋଳା ହସ ଆଉ ଟିକିଏ ଭଲ ପାଇବାର ଆତ୍ମୀୟତାରେ ବାନ୍ଧି ରଖୁ। ଯାହା ତାଙ୍କୁ ଆହୁରି ଲେଖିବାକୁ ପ୍ରେରଣା ଯୋଗାଇବ ; ଯାହା ଲେଖକଙ୍କ ଦୃଷ୍ଟିଭଙ୍ଗୀ। ପୁସ୍ତକରେ ସନ୍ନିବେଶିତ କବିତାଗୁଡିକ ପାଠକଙ୍କୁ ନିଆରା ଖୋରାକ ଯୋଗାଇବ ବୋଲି ଆଶା କରାଯାଏ।




### କବିତା ସଂକଳନ: କବିତା ପଂଚକ

**ସମ୍ପାଦନା: ଭାଗୀରଥି ବେହେରା**

**ପ୍ରକାଶକ–ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର**

**ମୂଲ୍ୟ–୧୫୦ଟଙ୍କା**

କବିତା ପଂଚକ ପୁସ୍ତକ ସମ୍ପାଦନା କରିଛନ୍ତି ଭାଗୀରଥି ବେହେରା । ଏଥିରେ ୫ଜଣ ସାହିତ୍ୟିକଙ୍କ କୃତି ଉପରେ ଆଲୋକପାତ କରାଯାଇଛି। କବି ସୁକାନ୍ତ କୁମାର ପଟ୍ଟନାୟକ, କବି ଗଦାଧର ପାତ୍ର, କବିୟିତ୍ରୀ ଡ଼.ମମତାରାଣୀ ନାୟକ, କବି ଡ଼. ଦୟାସିନ୍ଧୁ ପରିଡା ଓ କବି ଧର୍ମରାଜ ମାଝି। ଏମାନଙ୍କ ବୃତ୍ତି ପ୍ରଶାସନିକ ସେବା କିନ୍ତୁ ବ୍ରତ ସୃଜନ। ସାହିତ୍ୟକୁ ଭଲ ପାଇବାର ଯେଉଁ ଉତ୍ସାହ ତାହା ଏମାନଙ୍କ ପାଖରେ ରହିଛି। ଲୋକଙ୍କ ସେବା ଭିତରେ ମଧ୍ୟ ସାହିତ୍ୟ ରଚନାକୁ ଭୂଲି ନାହାନ୍ତି। ଯାହା ଅନ୍ୟମାନଙ୍କ ଲାଗି ପ୍ରେରଣା ଓ ଉଦାହରଣ। ମନର ଆବେଗକୁ କବି କବିତାର ରୂପ ଦିଏ ତ, ବେଳେ ବେଳେ ନିରାଶ୍ରୟ କ୍ଷୁଦ୍ର କଣିକାଠାରୁ ମଧ୍ୟ ଜୀବନ ସଞ୍ଚାରର ପଥ ଖୋଜି ନିଏ। ପୁଣି କେବେ ସୁଖା ମରୁଭୂମିରୁ ବି ଜଳ ସନ୍ଧାନ ପାଇବାର କ୍ଷମତା ରଖେ। ବହିଟି ସୁଖପାଠ୍ୟ ହେବାର ଆଶା ରଖେ।



ବ୍ୟାକ୍ ପେଜ୍

# ପକ୍ଷୀଙ୍କ ପାଇଁ ଆପାର୍ଟମେଣ୍ଟ

ଆଜିକାଲି ସହର ଆପାର୍ଟମେଣ୍ଟମୟ ହୋଇଗଲାଣି । ଜନସଂଖ୍ୟା ବଢିବା ସହ ଆପାର୍ଟମେଣ୍ଟ କଲ୍ଚର ବଢିବାରେ ଲାଗିଛି । ହେଲେ ଏଥିରେ ବଳି ପଡିଯାଉଛନ୍ତି କୁନି କୁନି ଚଢେଇ । ଗଛ ସଂଖ୍ୟା କମିବା ଯୋଗୁ ସେମାନେ ବାସହରା ହୋଇଯାଉଛନ୍ତି । ତାସହ ଅନେକ ଚଢେଇଙ୍କ ବଂଶ ବି ଲୋପ ପାଇବାକୁ ବସିଲାଣି । ଏହିସବୁକୁ ନଜରରେ ରଖି ରାଜସ୍ଥାନର ରାଜଧାନୀ ଜୟପୁରରେ ଖାସ୍ ଚଢେଇଙ୍କ ପାଇଁ ଛଅ ମହଲାବିଶିଷ୍ଟ ୮୦ ଫୁଟ୍ ଉଚ୍ଚତାର ଏକ ସୁନ୍ଦର ଆପାର୍ଟମେଣ୍ଟ ତିଆରି କରାଯାଇଛି । ଦୂରରୁ ଏହା ଲିନିଂ



ଟାୱାର ଅଫ୍ ପିସା ଭଳି ଦେଖାଯାଏ । ଏହି ଆପାର୍ଟମେଣ୍ଟରେ ପକ୍ଷୀ ରହିବା ଲାଗି ୧୩୦୦ଟି ଖୋପ ବା କଣା ଅଛି । ପ୍ରତି ଖୋପରେ ଗୋଟିଏରୁ ଦୁଇଟି ପକ୍ଷୀ ଆରାମରେ ରହିପାରିବେ । ଉକ୍ତ ଆପାର୍ଟମେଣ୍ଟକୁ ତିଆରି କରିବା ଲାଗି ଦୁଇ ମାସ ସମୟ ଲାଗିଥିଲା । ଏଥିରେ ଏବେ ଚଢେଇ ରହିବା ସହ ସେଥିରେ ଅଣ୍ଡା ଦେବା ମଧ୍ୟ ଆରମ୍ଭ କରିଦେଲେଣି । ଏଥିରେ ଦାନା ଓ ପାଣି ଦେବାର ବ୍ୟବସ୍ଥା ବି ରହିଛି । ପକ୍ଷୀମାନେ ଯେମିତି ଠିକ୍ ସମୟରେ ଦାନା ପାଣି ପାଇବେ ସେଥିପାଇଁ ତିନିଜଣ ବ୍ୟକ୍ତିଙ୍କୁ ନିଯୁକ୍ତ ବି କରାଯାଇଛି । ଉକ୍ତ ଆପାର୍ଟମେଣ୍ଟକୁ ଜୟପୁରର ପିଞ୍ଜରାପୋଲ ଗୌଶାଳା ନିର୍ମାଣ କରାଇଛି । ସୂଚନାଯୋଗ୍ୟ ଏହିଭଳି ଆପାର୍ଟମେଣ୍ଟ ଉଜ୍ଜୈନରେ ବି ଅଛି ।





# କପଡା କଣ୍ଢେଇକୁ ବାହା ହେଲେ, ମା' ବି ହେଲେ

କିଛି ଲୋକ ପ୍ରସିଦ୍ଧି ହାସଲ କରିବା ପାଇଁ କିଛି ବି କରିପାରନ୍ତି । ଏମିତିକି ଅନେକ ଅଜବ କାମ କରିବାକୁ ବି ପଛାଇ ନ ଥାନ୍ତି । ସେଇଭଳି ଜଣେ ମଣିଷ ହେଉଛନ୍ତି ବ୍ରାଜିଲର ୩୭ ବର୍ଷୀୟା ମହିଳା ମେରିବୋନ ରୋଚା ମୋରେସ୍ । ସେ ଚର୍ଚ୍ଚାରେ ରହିବା ପାଇଁ ବିବାହ କରିଛନ୍ତି ଜୀବନ ନ ଥିବା କପଡାର ଏକ କଣ୍ଢେଇକୁ । କେବଳ ସେତିକି ନୁହେଁ ସେ ସମସ୍ତଙ୍କୁ ଏହା କହି ଚକିତ କରି ଦେଇଛନ୍ତି ଯେ, ଜୀବନବିହୀନ କଣ୍ଢେଇ ସ୍ୱାମୀଙ୍କ ସନ୍ତାନର ଜନନୀ ବି ସେ ହୋଇସାରିଛନ୍ତି । ମେରିବୋନ କହନ୍ତି, 'ମୋ ମା' କପଡାର ଏକ କଣ୍ଢେଇ ତିଆରି କରିଥିଲେ । ତାହା ମତେ ଏତେ ଭଲ ଲାଗିଥିଲା ଯେ, ତାକୁ ଭଲ ପାଇବସିଲି । ଆଉ ଶେଷରେ ନିଷ୍ପତ୍ତି ନେଲି ସେଇ କଣ୍ଢେଇକୁ ବିବାହ କରିବି । ବେଶ୍ ଧୁମ୍‌ଧାମ୍‌ରେ ଆମର ବିବାହ ବି ହେଲା । ଏଇ ବିବାହରେ ୨୫୦ଜଣ ସାମିଲ ଥିଲେ । ବିବାହ ପରେ କଣ୍ଢେଇ ସ୍ୱାମୀଙ୍କ ସହ ହନିମୁନ୍‌ରେ ବି ଯାଇଥିଲି ।' ତେବେ କଥା ଏତିକିରେ ସରି ନ ଥିଲା । ବିବାହର କିଛିଦିନ ପରେ ମେରିବୋନ କହିଥିଲେ ଯେ ସେ ଗର୍ଭବତୀ ଅଛନ୍ତି, ଯାହାକି ସମସ୍ତଙ୍କୁ ଚକିତ କରିଥିଲା । ପରେ ସେ କପଡାର ଏକ କଣ୍ଢେଇ ଛୁଆ ସହ ମେଡିକାଲ ବେଡ୍‌ରେ ଫଟୋ ଉଠାଇ ସୋସିଆଲ ମିଡିଆରେ ଶେୟାର କରିଥିଲେ । ଏବେ ସେହି କପଡାର ଛୋଟ କଣ୍ଢେଇଟି ତାଙ୍କ ସନ୍ତାନ ପାଲଟିଛି । ସେ ନିଜର କଣ୍ଢେଇ ସ୍ୱାମୀ ଓ ପିଲାଙ୍କୁ ନେଇ ସୁଖର ସଂସାର କରୁଛନ୍ତି । ନିଜ ସୁଖର ସଂସାରର ଅନେକ ଫଟୋକୁ ସେ ସୋସିଆଲ ମିଡିଆରେ ଅପଲୋଡ ବି କରୁଛନ୍ତି ।





# ଆଲ୍‌ଫାବେଟ୍ ସୁପ୍‌ରେ ରେକର୍ଡ

ସୁପ୍ ବିଭିନ୍ନ ପ୍ରକାରର ପିଇଥିବେ । ତେବେ ଆଲ୍‌ଫାବେଟ୍ ସୁପ୍ ବିଷୟରେ ହୁଏତ ଅନେକେ ଜାଣି ନ ଥିବେ । ଏହି ସୁପ୍‌ରେ ଇଂରାଜୀର ଲେଟର୍ 'ଏ'ଠାରୁ 'ଜେଡ୍' ପର୍ଯ୍ୟନ୍ତ ଦେଖିବାକୁ ମିଳେ । କାନାଡା, ସ୍ପେନ, ଆମେରିକାରେ ଏହାର ଚାହିଦା ବହୁତ । ଛୋଟରୁ ବଡ ସମସ୍ତଙ୍କୁ ଏହା ବହୁତ ଭଲ ଲାଗେ । ଆଉ ଏହି ସୁପ୍‌କୁ ନେଇ ଜଣେ ରେକର୍ଡ ବି କରିଛନ୍ତି । ଆମେରିକା, ଓରେଗାନରେ ରହୁଥିବା ଜ୍ୟାକବ ଚାଣ୍ଡଲର ନାମକ ଏହି ବ୍ୟକ୍ତି ଜଣକ ମାତ୍ର ୨ ମିନିଟ ୮.୬ ସେକେଣ୍ଡରେ ଆଲଫାବେଟ୍ ସୁପ୍‌ର ଆଲଫାବେଟ୍ ଖୋଜି ଏହି ରେକର୍ଡ କରିଛନ୍ତି । ଜ୍ୟାକବ କହନ୍ତି, ମୁଁ ସବୁବେଳେ ଆଲଫାବେଟ୍ ସୁପ୍ ପିଏ । ଦିନେ ମୁଣ୍ଡକୁ ଏକ ଭାବନା ଆସିଲା ଯେ, ଏହି ସୁପ୍‌କୁ ନେଇ ରେକର୍ଡ କଲେ କେମିତି ହେବ । ଆଉ କମ୍ ସମୟ ଭିତରେ ସୁପ୍‌ରୁ ଆଲ୍‌ଫାବେଟ୍ ବାହାର କରିବାକୁ ନିଷ୍ପତ୍ତି ନେଲେ । ହେଲେ ସେ ଆଶଙ୍କାରେ ଥିଲେ ଯେ, ସୁପ୍‌ରୁ ସବୁ ଆଲ୍‌ଫାବେଟ୍ ବାହାରିବ କି ନାହିଁ । ସେ ପୁଣି କ୍ୟାମେରା ସାମ୍‌ନାରେ ଏହି କାମ କରିବାକୁ ହେବ । ପୂର୍ବରୁ କେହି ବି ଏଭଳି କାରନାମା କରି ନ ଥିଲେ । ଆଉ ସେ ଏହାକୁ ସଫଳତାର ସହ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ ।



